## ସଂକ୍ଷେପରେ

### ଅଳିଆଗଦାରୁ ନବଜାତ ଶିଶୁପୁତ୍ରର ମୃତଦେହ ଜବତ

**ଭୁବନେଶ୍ୱର,୪।୫(ବ୍ୟୁରୋ):** ଭୁବନେଶ୍ୱରସ୍ଥିତ ଷ୍ଟେଶନ ବଜାର ଛକ କଦଳୀ ଗୋଦାମ ନିକଟ ଅଳିଆ ଗଦାରୁ ବୁଧବାର ଜଣେ ନବଜାତ ଶିଶୁପୁତ୍ରର ମୃତଦେହ ଜବତ କରାଯାଇଛି। ତେବେ କେଉଁ ପରିସ୍ଥିତିରେ ଅଳିଆଗଦାକୁ ନବଜାତ ଶିଶୁପୁତ୍ର ଆସିଲେ ତାହା ସ୍ପଷ୍ଟ ହୋଇନାହିଁ। ଖବରପାଇ ଲକ୍ଷ୍ମୀସାଗର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଶିଶୁପୁତ୍ରକୁ ଉଦ୍ଧାର କରି ହସ୍ପିଟାଲକୁ ପଠାଇଛି। ଏଥିସହ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ସୂଚନାନୁଯାୟୀ, ଷ୍ଟେଶନ ବଜାର ଛକ କଦଳୀ ଗୋଦାମ ନିକଟରେ ସବୁଦିନ ପରି ଜଣେ ଅଳିଆ ଉଠାଳି ଅଳିଆ ଆବର୍ଜନା ନେବାକୁ ଆସିଥିଲା। ସେହି ସମୟରେ ନବଜାତ ଶିଶୁଟି ସେଠାରେ ପଡିଥିବା ଦେଖିବାକୁ ପାଇଥିଲେ। ଏହା ଦେଖି ସେ ତୁରନ୍ତ ଲୋକଙ୍କୁ ଡାକ ପକାଇଥିଲେ। ପରେ ଏନେଇ ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ।

### ଶ୍ରୀଲିଙ୍ଗରାଜ ମନ୍ଦିର ପାର୍ଶ୍ୱରେ ଆବର୍ଜନା

**ପୁରୁଣା ଭୁବନେଶ୍ୱର,୪।୫(ଡି.ଏନ୍.ଏ.):** ସ୍ୱଚ୍ଛ ଭାରତର ଅସ୍ୱଚ୍ଛ ଚିତ୍ର। ଏହି ଅସ୍ୱଚ୍ଛତାର ଚିତ୍ର ଦେଖିବାକୁ ମିଳିଛି ଶ୍ରୀଲିଙ୍ଗରାଜ ମନ୍ଦିରର ବାହାର ପ୍ରାଚୀର ପାର୍ଶ୍ୱରେ। ସିଂହଦ୍ୱାର ଓ ଜୋତାଷ୍ଟାଣ୍ଡ ନିକଟରେ ରହିଥିବା ପାଚେରି କଡ଼ରେ ଅସାମାଜିକ ବ୍ୟକ୍ତିବିଶେଷଙ୍କ ମଳତ୍ୟାଗ କରିବାଠାରୁ ଆରମ୍ଭ କରି ଆଖପାଖରେ ବସି ମଦ୍ୟପାନ କରି ପାଚେରି କଡ଼କୁ ମଦବୋତଲ ଫିଙ୍ଗିବା ଏବଂ ପାଦ ପ୍ରକ୍ଷାଳନ ପ୍ରକଳ୍ପ ପାର୍ଶ୍ୱରେ ପରିସ୍ରା କରିବା ଯାହା ସମ୍ପୂର୍ଣ୍ଣ ପରିବେଶକୁ ବିଗାଡ଼ି ଦେଇଛି। ମନ୍ଦିର ଚତୁଃପାର୍ଶ୍ୱରେ ପୋଲିସ ପଇଁତରା ମାରୁଥିଲେ ମଧ ଏସବୁ ପ୍ରତି ଦୃଷ୍ଟି ନ ପଡ଼ିବାକୁ ନେଇ ଚିନ୍ତାପ୍ରକଟ କରିଛନ୍ତି ସାମାଜିକ କର୍ମୀ ତଥା ପରିବେଶବିତ୍ ସୁଶାନ୍ତ ସାହୁ। ପବିତ୍ରତାକୁ ବିଗାଡୁଥିବା ଅସାମାଜିକ ବ୍ୟକ୍ତିବିଶେଷଙ୍କ ପାଇଁ କଡ଼ା କାର୍ଯ୍ୟାନୁଷ୍ଠାନ ସହ ସିସିଟିଭି ପରିସର ଭିତରେ ଅଞ୍ଚଳଟିକୁ ନିଆଯାଉ ବୋଲି ସେ ଦାବି କରିଛନ୍ତି। ମନ୍ଦିରର ସୁରକ୍ଷା ପାଇଁ ପ୍ରତିଟି ନାଗରିକ ଯତ୍ନବାନ ହେବା ସହ ମନ୍ଦିର ପ୍ରଶାସନ, ସେବାୟତ ଏବଂ ସ୍ଥାନୀୟ ବାସିନ୍ଦାଙ୍କ ସହଯୋଗ ନିତାନ୍ତ ଜରୁରୀ ବୋଲି ପରିବେଶବିତ ସାହୁ କହିଛନ୍ତି।

### ବେଆଇନ ନିର୍ମାଣ ଭାଙ୍ଗିଲା ପ୍ରଶାସନ

**ବାଲିପାଟଣା,୪।୫(ଡି.ଏନ୍.ଏ.):** ଗିରିଙ୍ଗ ମାଇନର ଉପରେ ହୋଇଥିବା ବେଆଇନ ପଥର ଚାଳିଆ ନିର୍ମାଣକୁ ମଙ୍ଗଳବାର ବାଲିପାଟଣା ଜଳ ସମ୍ପଦ ବିଭାଗ ଅଧିକାରୀ ଓ ତହସିଲଦାର ମୃତ୍ୟୁଞ୍ଜୟ ତ୍ରିପାଠୀ ପୋଲିସ ଉପସ୍ଥିତିରେ ଜେସିବି ଲଗାଇ ଭାଙ୍ଗି ଦେଇଛନ୍ତି। ଖବରରୁ ପ୍ରକାଶ, ଗିରିଙ୍ଗ ମାଇନରର ସାରିପୁର-ରାଜସ୍ୱ ସଂଲଗ୍ନ ବାଗଦେବୀ ବିଦ୍ୟାମନ୍ଦିର ନିକଟ କେନାଲ ବନ୍ଧ ଉପରେ ଦୀର୍ଘଦିନ ଧରି ଜଣେ ବିଭାଗୀୟ କର୍ମଚାରୀ ପଥର କାନ୍ଥ ନିର୍ମିତ ଚାଳିଆ ଘର କରି ରାସ୍ତା ଅବରୋଧ କରିଥିଲେ। ଏ ବାବଦରେ ବାଲିପାଟଣା ଜଳସମ୍ପଦ ଅଧିକାରୀଙ୍କୁ ଲିଖିତ ଅଭିଯୋଗ କରାଯାଇଥିଲା। ମାତ୍ର ବାରମ୍ବାର ନୋଟିସ କରିବା ସତ୍ତ୍ୱେ ବି କିଛି ସୁଫଳ ମିଳିପାରି ନ ଥିଲା। ଏନେଇ ବିଭାଗୀୟ ଅଧିକାରୀ ତହସିଲଦାରଙ୍କ ଦୃଷ୍ଟିଗୋଚର କରିଥିଲେ। ତହସିଲ ପ୍ରଶାସନ ଉକ୍ତ ବ୍ୟକ୍ତିଙ୍କୁ ନୋଟିସ୍ ଜାରି କରି ପୋଲିସ ସହାୟତାରେ ବେଆଇନ ନିର୍ମାଣକୁ ଜେସବି ଲଗାଇ ଭାଙ୍ଗି ଦେଇଛନ୍ତି।

### ଅକ୍ଷୟତୃତୀୟାରେ ପ୍ରାକୃତିକ ଚାଷ ସମ୍ବନ୍ଧୀୟ ପ୍ରଶିକ୍ଷଣ ଶିବିର

**ପିପିଲି,୪।୫(ଡି.ଏନ୍.ଏ.):** ଅକ୍ଷୟତୃତୀୟା ପାଳନ ଅବସରରେ ସିଫା ଏବଂ କୃଷି ବିଜ୍ଞାନ କେନ୍ଦ୍ର (କେଭିକେ) ଖୋର୍ଦ୍ଧାର ମିଳିତ ସହଯୋଗରେ ଏକ ଉତ୍ସବ ବାଲିପାଟଣା ବ୍ଲକସ୍ଥିତ ଧାନହରା ଗ୍ରାମରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଚାଷୀ ପ୍ରଶାନ୍ତ ଦାସଙ୍କ ଧାନବିଲରେ ସିଫା ନିର୍ଦ୍ଦେଶକ ଡ. ସରୋଜ କୁମାର ସ୍ୱାଇଁ ଅଖିମୁଠି ଅନୁକୂଳ କରିଥିଲେ। ଉତ୍ସବରେ କୃଷକଙ୍କ ନିମନ୍ତେ ପ୍ରାକୃତିକ ଚାଷ ସମ୍ବନ୍ଧୀୟ ଏକ ଦିନିକିଆ ପ୍ରଶିକ୍ଷଣ ଶିବିର ଆୟୋଜିତ ହୋଇଥିଲା। ୧୪୦ ଜଣ କୃଷକ ଏବଂ ମହିଳା କୃଷିଜୀବୀ ଯୋଗଦେଇଥିଲେ। ବୈଜ୍ଞାନିକ ତଥା କେଭିକେ ଖୋର୍ଦ୍ଧା ମୁଖ୍ୟ ଅଜୟ ଦାଶ ପ୍ରାକୃତିକ ଚାଷ ସମ୍ବନ୍ଧରେ ଆଲୋଚନା କରିଥିଲେ। ଏସ୍‌ଏମ୍‌ଏସ୍ ପ୍ରଜ୍ଞାନ ରଞ୍ଜନ ସାହୁ ସ୍ୱାଗତ ଭାଷଣ ଦେଇଥିଲେ। ଗୃହ ବିଜ୍ଞାନ ବିଭାଗର ଡ. ହରପ୍ରିୟା ନାୟକ ପ୍ରାକୃତିକ କୃଷିକୁ ଉପଯୋଗ କରି କୃଷକମାନେ ରୋଜଗାର ବୃଦ୍ଧି କରିବାକୁ ପରାମର୍ଶ ଦେଇଥିଲେ। ଚାଷୀଙ୍କୁ ଜିଆ ଖତ ବେଡ୍, ମାଛ ଖାଦ୍ୟ, ସିଫାକ୍ସ ଔଷଧ, ବ୍ୟାଟେରିଚାଳିତ ସିଞ୍ଚନ ଯନ୍ତ୍ର ବଣ୍ଟନ କରାଯାଇଥିଲା। ବୈଷୟିକ ଅଧିକାରୀ ସୁକାନ୍ତି ବେହେରା ଧନ୍ୟବାଦ ଦେଇଥିଲେ।

# ମାର୍ଚ୍ଚରେ ଭୁବନେଶ୍ୱରରୁ ୯୮ ଗିରଫ

**ଭୁବନେଶ୍ୱର, ୪।୫ (ବ୍ୟୁରୋ)**

ଦିନକୁ ଦିନ ରାଜଧାନୀ ଭୁବନେଶ୍ୱର ଅପରାଧୀଙ୍କ କବଳକୁ ଚାଲିଯାଉଛି। ବିଶେଷକରି ଲୁଟେରା ଓ ଚୋରଙ୍କ ଉତ୍ପାତ ବଢ଼ି ଚାଲିଛି। ପାଟ୍ରୋଲିଂ ସତ୍ତ୍ୱେ ଦିନ ହେଉ କି ରାତି, ଦୁର୍ବୃତ୍ତମାନେ ଲୁଟ୍, ଛିନତାଇ କରି କମିଶନରେଟ ପୋଲିସକୁ ଖୋଲା ଚ୍ୟାଲେଞ୍ଜ ଦେଉଛନ୍ତି। ପୋଲିସ ପଦକ୍ଷେପ ନେଉଥିଲେ ମଧ ଏପରି ଅପରାଧ କମିବାର ନାଁ ଧରୁନାହିଁ। କେବଳ ମାର୍ଚ୍ଚରେ ଭୁବନେଶ୍ୱର ସହରାଞ୍ଚଳ ଜିଲାରେ ବିଭିନ୍ନ ଥାନାରେ ଗଠିତ ପିଓପିଡି ଓ ଟିମ୍-୬୦ର ମିଳିତ ପ୍ରୟାସରେ ସମ୍ପତ୍ତିଗତ ଲୁଟ୍ ଅପରାଧରେ ମୋଟ ୯୮ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଛି। ଏମାନଙ୍କ ମଧ୍ୟରୁ ୪୦ଜଣ ଅଭିଯୁକ୍ତ ଜେଲରୁ ରିମାଣ୍ଡ ହୋଇଛନ୍ତି। ଏଥିସହ ୧୨ଜଣ ଅଭ୍ୟାସଗତ ଅପରାଧୀଙ୍କ ବିରୋଧରେ ସିଆର୍‌ପିସି ଧାରା-୧୧୦ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ତେବେ ଚୋରି ବା ଲୁଟ୍ ହୋଇଥିବା ମୋଟ ୧ଲକ୍ଷ ୨୦ ହଜାର ୫୬୦ ଟଙ୍କା ଓ ବିଭିନ୍ନ ବ୍ରାଣ୍ଡର ୯୯ ମୋବାଇଲ ଫୋନ୍, ୪ ଲାପ୍‌ଟପ୍ ଓ ୫ ବ୍ୟାଟେରି ଜବତ କରାଯାଇଛି। ଗାଡି ଚୋରି ମାମଲାର ତଦନ୍ତ ସମୟରେ ୪୩ଟି ୨ ଚକିଆ, ୩ ଚକିଆ ଓ ୪ ଚକିଆ ଗାଡି ଜବତ କରାଯାଇଥିବା କମିଶନରେଟ ପୋଲିସ ସୂଚନା ଦେଇଛି।

ସେହିପରି ଏପ୍ରିଲରେ ବିଭିନ୍ନ ଥାନାରେ ୧୧ ନିଶା କାରବାର ମାମଲା ରୁଜୁ ହୋଇଥିବାବେଳେ ୧୧ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ସେମାନଙ୍କଠାରୁ ୩୦ କେଜି ୯୦୦ ଗ୍ରାମର ଗଞ୍ଜେଇ କରାଯାଇଛି। ଲୋକେ ମୋବାଇଲ ଫୋନ, ଗାଡ଼ି ଓ ସୁନା ଗହଣା ଚୋରି ତଥା ନିଶା କାରବାର ବିଷୟରେ ସୂଚନା ପ୍ରଦାନ ନିମନ୍ତେ ଭୁବନେଶ୍ୱର ସହରାଞ୍ଚଳ ପୋଲିସ ତରଫରୁ ଏକ ହ୍ୱାଟ୍‌ସ୍‌ଆପ୍ ନଂ. ୭୦୭୭୭୯୮୧୧୧ ଜାରି କରାଯାଇଛି।

### ୧.୨୦ଲକ୍ଷ ଟଙ୍କା, ୪୩ ଚୋରା ଗାଡ଼ି, ୯୯ ମୋବାଇଲ ଫୋନ ଜବତ

### ମହିଳାଙ୍କ ବେକରୁ ସୁନାଚେନ ଝାମ୍ପି ନେଲେ

**ଭୁବନେଶ୍ୱର,୪।୫(ବ୍ୟୁରୋ)**

ଦିନ ଦିପ୍ରହରେ ଜଣେ ମହିଳାଙ୍କ ବେକରୁ ସୁନା ଚେନ ଝାମ୍ପିନେଲେ ଦୁର୍ବୃତ୍ତ। ବୁଧବାର ସ୍ଥାନୀୟ ସୂର୍ଯ୍ୟନଗରରେ ଏଭଳି ଘଟଣା ଘଟିଥିବାବେଳେ ଦୁର୍ବୃତ୍ତ ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି। ଲୁଟର ଶିକାର ମହିଳା ସ୍ଥାନୀୟ ଅଞ୍ଚଳର ହୋଇଥିବାବେଳେ ଏନେଇ ସେ କ୍ୟାପିଟାଲ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ମୁତାବକ ପୋଲିସ ଏକ ଚୋରି ମାମଲା ରୁଜୁ କରି ତଦନ୍ତ ଚଳାଇଛି।

ସୂଚନା ମୁତାବକ, ମହିଳା ଜଣଙ୍କ ସୂର୍ଯ୍ୟନଗରସ୍ଥିତ ଏଲ୍‌ଆଇସି ଗଳିରୁ ନିଜ ଘରକୁ ଯାଉଥିବାବେଳେ ୨ ଜଣ ଦୁର୍ବୃତ୍ତ ଏକ ବାଇକ୍‌ରେ ପିଛା କରି ତାଙ୍କ ବେକରୁ ସୁନା ଚେନ ଝାମ୍ପିନେଇ ଫେରାର ହୋଇଯାଇଥିଲେ।

## ଅପରାଧ ନିୟନ୍ତ୍ରଣ, ଆଇନଶୃଙ୍ଖଳା ଉପରେ ଫୋକସ

**କଟକ ଅଫିସ/ ଭୁବନେଶ୍ୱର,(ବ୍ୟୁରୋ),୪।୫**

### ଦାୟିତ୍ୱ ନେଲେ ଭୁବନେଶ୍ୱର ଡିସିପି ପ୍ରତୀକ ସିଂ



ଭୁବନେଶ୍ୱର ସହରାଞ୍ଚଳ ଜିଲା ପୋଲିସ(ୟୁପିଡି)ର ନୂଆ ଡିସିପି ଭାବେ ୨୦୧୪ ବ୍ୟାଚ୍‌ର ଆଇପିଏସ୍ ଅଫିସର ପ୍ରତୀକ ସିଂ ବୁଧବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହା ପୂର୍ବରୁ ସେ କଟକ ଡିସିପି ଭାବେ କାର୍ଯ୍ୟ କରୁଥିଲେ। ଗତ ଏପ୍ରିଲ ୨୯ରେ ତାଙ୍କ ବଦଳି ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଥିଲା। ବୁଧବାର ଅପରାହ୍ଣରେ ଅତିରିକ୍ତ ଡିସିପିଙ୍କ ସମେତ ସମସ୍ତ ଥାନାଧିକାରୀ ଡିସିପି କାର୍ଯ୍ୟାଳୟରେ ପ୍ରତୀକଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିବାପରେ ସେ ତାଙ୍କ କାର୍ଯ୍ୟାଳୟରେ ବିଧିବଦ୍ଧ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ପରେ ଖବରଦାତା ସମ୍ମିଳନୀରେ ଗଣମାଧ୍ୟମକୁ କହିଥିଲେ, ଅଭିଯୁକ୍ତଙ୍କ ଟ୍ରାଏଲ(ଶୁଣାଣି) ପର୍ଯ୍ୟନ୍ତ ପୋଲିସକୁ କାମ କରିବାକୁ ହେବ। କୋର୍ଟରେ ଚାର୍ଜଶିଟ୍ ଦାଖଲ ପରେ କାମ ସରିଗଲା ବୋଲି ଭାବିବା ଠିକ୍ ନୁହେଁ। ରାଜଧାନୀରେ ଅପରାଧ ନିୟନ୍ତ୍ରଣ, ଆଇନଶୃଙ୍ଖଳା ସୁପରିଚାଳନା, ପିପୁଲ୍ ଫ୍ରେଣ୍ଡଲି ପୋଲିସିଂ ଏବଂ ୫-ଟି ପ୍ରୟୋଗ ଉପରେ ମୁଖ୍ୟ ଫୋକସ୍ ଦିଆଯିବ। ନୂଆ କରି ଭୁବନେଶ୍ୱର ଡିସିପି ଭାବେ କାମରେ ଯୋଗଦେଇଥିବାରୁ ପ୍ରଥମେ ଅଫିସରମାନଙ୍କ ସହ ମିଶି ଥାନା ସମସ୍ୟା ସମ୍ପର୍କରେ ଆଲୋଚନା କରିବି। ଏଥିସହ ଥାନାରେ କର୍ମଚାରୀ ଅଭାବ ନେଇ ଧ୍ୟାନ ଦିଆଯିବ ବୋଲି ଡିସିପି ସିଂ କହିଛନ୍ତି। ପରେ ସେ ସମସ୍ତ ଇନ୍ସପେକ୍ଟର ଓ ଜୋନ୍ ଏସିପିଙ୍କ ସହ ଏକ ବୈଠକରେ ବିଭିନ୍ନ ପ୍ରସଙ୍ଗକୁ ନେଇ ଆଲୋଚନା କରିଥିଲେ।

ଆଇପିଏସ୍ ପ୍ରତୀକ ପ୍ରଥମେ ୨୦୧୬ରେ ବ୍ରହ୍ମପୁର ଏସ୍‌ପି ଭାବେ କାର୍ଯ୍ୟ ଆରମ୍ଭ କରିଥିଲେ। ଏହାପରେ ସେ ୨୦୧୭ରେ ମାଲକାନଗିରି, ୨୦୧୮ରୁ ୨୦୨୦ ଯାଏଁ କନ୍ଧମାଳ ଏସ୍‌ପି ଭାବେ ଦାୟିତ୍ୱ ତୁଲାଇଥିଲେ। ୨୦୨୦ ଜୁଲାଇ ୧୪ରେ ତାଙ୍କୁ କଟକ ଡିସିପି ଭାବେ ବଦଳି କରାଯାଇଥିଲା। ସେତେବେଳେ କରୋନା ମହାମାରୀ ପାଇଁ କଟକରେ କଟକଣା ବଳବତ୍ତର ରହିଥିଲା। ସେହି ସମୟରେ ପ୍ରଶାସନିକ ଅଧିକାରୀ ଓ ଜନସାଧାରଣଙ୍କ ସହ ମିଶି ସୁଚାରୁ ରୂପେ ଦାୟିତ୍ୱ ତୁଲାଇଥିଲେ। କଟକ ଡିସିପି ଭାବେ କାର୍ଯ୍ୟର ଶେଷ ଦିନରେ ସହରରେ ବିଭିନ୍ନ ଦିଗରେ ସଫଳତା ପାଇଥିବା ସେ ରିପୋର୍ଟ କାର୍ଡ ଦେଇଥିଲେ। ୨୦୨୦ରେ ୩୦୦ ଗ୍ରାମ୍, ୨୦୨୧ରେ ୫ କେଜି ଓ ୨୦୨୨ରେ ଏଯାବତ୍ ୭୦୦ ଗ୍ରାମ ବ୍ରାଉନସୁଗାର ଜବତ କରାଯାଇଛି। ସେହିପରି ୨୦୨୦ରେ ୫୦ବନ୍ଧୁକ ଓ ୧୫୦୦ ଗୁଳି ଜବତ କରାଯାଇଛି। ୨୦୨୧ରେ ୬୦ରୁ ଅଧିକ ବନ୍ଧୁକ ଜବତ ହୋଇଥିବା ଡିସିପି ପ୍ରତୀକ ଗଣମାଧ୍ୟମକୁ କହିଥିଲେ।

## ଓଡ଼ିଆ ଗଳ୍ପ ସାହିତ୍ୟକୁ ବୀଣାପାଣିଙ୍କ ଅବଦାନ ଅତୁଳନୀୟ



କଟକ ଶହୀଦ ଭବନରେ ଅନୁଷ୍ଠିତ ଲେଖିକା ବୀଣାପାଣି ମହାନ୍ତିଙ୍କ ଶ୍ରଦ୍ଧାଞ୍ଜଳି ସଭାରେ ଅତିଥିମାନେ ପତ୍ରିକା ଉନ୍ମୋଚନ କରୁଛନ୍ତି।

**କଟକ ଅଫିସ,୪।୫**

ଓଡ଼ିଆ ଗଳ୍ପ ସାହିତ୍ୟକୁ ସମୃଦ୍ଧ କରିବାରେ ଖ୍ୟାତନାମା ଲେଖିକା ବୀଣାପାଣି ମହାନ୍ତିଙ୍କ ଅବଦାନ ଅତୁଳନୀୟ। ସେ ଅନେକ ଲେଖିକା ସୃଷ୍ଟି କରିଛନ୍ତି। ଏପରି କି ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ସାହିତ୍ୟର ସେ ଜଣେ ବିପ୍ଳବୀ ଲେଖିକା ଥିଲେ ବୋଲି କଟକ ଶହୀଦ ଭବନରେ ବୁଧବାର ଅନୁଷ୍ଠିତ ବୀଣାପାଣି ମହାନ୍ତିଙ୍କ ଶ୍ରଦ୍ଧାଞ୍ଜଳି ସଭାରେ ବକ୍ତାମାନେ କହିଥିଲେ। ଏହି ଅବସରରେ ଅତିଥିମାନେ ପତ୍ରିକା 'ସ୍ମୃତିରେ ବୀଣାପାଣି' ଉନ୍ମୋଚନ କରିଥିଲେ। ଏହି ସଭାରେ ହାଇକୋର୍ଟ ବିଚାରପତି ବିଦ୍ୟୁତ୍ ରଞ୍ଜନ ଷଡଙ୍ଗୀ, ପୂର୍ବତନ ଏମ୍‌ପି ପ୍ରସନ୍ନ ପାଟଶାଣୀ, ଓଡ଼ିଶା ସାହିତ୍ୟ ଏକାଡେମୀ ସଭାପତି ହୃଷୀକେଶ ମଲ୍ଲିକ, ଲେଖିକା ପରିଷଦ ସଭାପତି ଗୋଲାପ ମଞ୍ଜରୀ କର, ଉତ୍କଳ ସାହିତ୍ୟ ସମାଜର ସଭାପତି ତରୁଣ କୁମାର ସାହୁ, ନାଟ୍ୟକାର ସଞ୍ଜିତ ପଟ୍ଟନାୟକ, ଉପେନ୍ଦ୍ର ପ୍ରସାଦ ନାୟକ, ଡ. ବିଜୟାନନ୍ଦ ସିଂ, ସାବିତ୍ରୀ ଚୌଧୁରୀ, ଶୋଭା ପଟ୍ଟନାୟକ, ବିଜୟଲକ୍ଷ୍ମୀ ସାହୁ ଓ ଗୁରୁପ୍ରସାଦ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

### ଏଲ୍‌ଆଇସି ଘରୋଇକରଣ ବିରୋଧରେ ସିପିଆଇର ବିକ୍ଷୋଭ

**ଭୁବନେଶ୍ୱର,୪।୫(ବ୍ୟୁରୋ)**

ଏଲ୍‌ଆଇସିର ଘରୋଇକରଣ ବିରୋଧରେ ଦେଶବ୍ୟାପୀ ପ୍ରତିବାଦ ଦିବସ ପରିପ୍ରେକ୍ଷୀରେ ବୁଧବାର ସିପିଆଇ ପକ୍ଷରୁ ଏଲ୍‌ଆଇସିର ଆଞ୍ଚଳିକ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ବିକ୍ଷୋଭରେ ସିପିଆଇର ରାଜ୍ୟ ସମ୍ପାଦକ ଆଶିଷ କାନୁନ୍‌ଗୋ, ଜାତୀୟ କାର୍ଯ୍ୟକାରିଣୀ ସଭ୍ୟ ରାମକୃଷ୍ଣ ପଣ୍ଡା, ଜାତୀୟ ପରିଷଦ ସଭ୍ୟ ଅଭୟ ସାହୁ ଓ ଭୁବନେଶ୍ୱର ଜୋନ୍ ସମ୍ପାଦକ ସୁର ଜେନା ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ପରିଚାଳିତ ଭାଜପା ସରକାରଙ୍କୁ ତୀବ୍ର ସମାଲୋଚନା କରିଥିଲେ। ସେମାନେ କହିଛନ୍ତି, ଶିଳ୍ପ ପରେ ଏବେ ଏଲ୍‌ଆଇସିକୁ ଘରୋଇକରଣ କରିବାକୁ ଉଦ୍ୟମ କରୁଛନ୍ତି। ଏହା କାହାର ବ୍ୟକ୍ତିଗତ କିମ୍ବା ପୈତୃକ ସମ୍ପତ୍ତି ନୁହେଁ ବୋଲି ସେମାନେ କହିଛନ୍ତି। ଏଆଇଟିୟୁସିର ରାଜ୍ୟ ଉପସାଧାରଣ ସମ୍ପାଦକ ବିଜୟ ଜେନା, ଅଖିଳ ଭାରତ ଛାତ୍ରସଂଘର ରାଜ୍ୟ ସଭାନେତ୍ରୀ ସଂଘମିତ୍ରା ଜେନା, ଖୋର୍ଦ୍ଧା ଜିଲ୍ଲା ସିପିଆଇ ସହସମ୍ପାଦକ ସତୀଶ ମିଶ୍ର ଓ ଭୁବନେଶ୍ୱର ଜୋନ ସହ ସମ୍ପାଦକ କୈଳାସ ପୁହାଣ ପ୍ରମୁଖ ଉପସ୍ଥିତ ରହି ଏଲଆଇସିର ଅଂଶଧନ ବିକ୍ରିକୁ ନିନ୍ଦା କରିଥିଲେ। ପରେ ସିପିଆଇ ଓ ସିପିଆଇ(ଏମ୍), ଏଆଇଟିୟୁସି ଓ ସିଟୁ ପକ୍ଷରୁ ଏକ ମିଳିତ ଦାବିପତ୍ର ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏଲ୍‌ଆଇସିର ଆଞ୍ଚଳିକ ମ୍ୟାନେଜରଙ୍କୁ ପ୍ରଦାନ କରାଯାଇଥିଲା।

## ବିଏମ୍‌ସିର ୧୦ ଷ୍ଟାଣ୍ଡିଂ କମିଟି ଗଠିତ

**ଭୁବନେଶ୍ୱର, ୪।୫(ବ୍ୟୁରୋ)**

### ୭ ଦିନ ପରେ କମିଟି ଚେୟାରମ୍ୟାନ୍ ନିର୍ବାଚନ

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ର ୧୦ଟି ଷ୍ଟାଣ୍ଡିଂ କମିଟି ଗଠନ କରାଯାଇଛି। ଏଥିପାଇଁ ବିଏମ୍‌ସି ଏକାମ୍ର ସଭାକକ୍ଷରେ ଓଡ଼ିଶା ମହାନଗର ନିଗମ ଆଇନ୍-୨୦୦୩ର ଧାରା-୧୦ ତଥା ଓଡ଼ିଶା ମ୍ୟୁନିସିପାଲ କର୍ପୋରେଶନ (ପ୍ରୋସିଜିଓର ଆଣ୍ଡ୍ କଣ୍ଡକ୍ଟ ଅଫ୍ ବିଜ୍‌ନେସ୍) ରୁଲ୍‌ସ-୨୦୦୩ର ନିୟମ-୨୧(୩) ଅନୁଯାୟୀ ବୁଧବାର ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ମେୟର ତଥା ସଭାପତି ସୁଲୋଚନା ଦାସ ବୈଠକରେ ଉପସ୍ଥିତ ଡେପୁଟି ମେୟର, କର୍ପୋରେଟର, ମ୍ୟୁନିସିପାଲ କମିଶନର ଓ ଅନ୍ୟାନ୍ୟ ଅଧିକାରୀଙ୍କୁ ସ୍ୱାଗତ କରିଥିଲେ। ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ୧୦ ଷ୍ଟାଣ୍ଡିଂ କମିଟି ନିମନ୍ତେ ସଭ୍ୟ ନିର୍ବାଚନ ପାଇଁ ମୋଟ ୭୦ ମନୋନୟନପତ୍ର ଦାଖଲ ହୋଇଥିଲା। ମନୋନୟନ ପତ୍ରଗୁଡ଼ିକ ଯାଞ୍ଚ ପରେ ସମସ୍ତ ଷ୍ଟାଣ୍ଡିଂ କମିଟି ସଦସ୍ୟ ନିୟମ ମୁତାବକ ନିର୍ବାଚନ ପ୍ରକ୍ରିୟା ଦେଇ ନିର୍ବାଚିତ ହୋଇଥିଲେ। ପ୍ରତ୍ୟେକ କମିଟିରେ ୭ଜଣ ଲେଖାଏ ସଦସ୍ୟ ରହିଛନ୍ତି। ଏହି ଅବସରରେ ମେୟର କହିଛନ୍ତି, କର୍ପୋରେଶନ ଏକ ପରିବାର। ଏଥିରେ ଆମେ ସମସ୍ତଙ୍କୁ ନେଇ ଚାଲିବୁ। ତେଣୁ ବିଭିନ୍ନ ଷ୍ଟାଣ୍ଡିଂ କମିଟିରେ ୬୭ ୱାର୍ଡର କର୍ପୋରେଟରଙ୍କ ସମ୍ପୃକ୍ତି ରହିବ, ଯାହା ଆମକୁ ବିକାଶମୂଳକ କାର୍ଯ୍ୟ କରିବାରେ ସହାୟକ ହେବ। ୭ଦିନ ପରେ ପ୍ରତି କମିଟିର ଚେୟାରମ୍ୟାନ ନିର୍ବାଚିତ ହେବେ ବୋଲି ମେୟର କହିଛନ୍ତି। ବୈଠକରେ ବିଏମ୍‌ସି କମିଶନର ସଞ୍ଜୟ କୁମାର ସିଂହ, ଅତିରିକ୍ତ କମିଶନର ଲକ୍ଷ୍ମୀକାନ୍ତ ସେଠୀ, ଅତିରିକ୍ତ କମିଶନର ବିନୟ କୁମାର ଦାଶ ଏବଂ ବିଏମ୍‌ସିର ବିଭିନ୍ନ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ। ଡେପୁଟି କମିଶନର କମଳାକାନ୍ତ ବେହେରା ନିର୍ବାଚନ ପ୍ରକ୍ରିୟା ସଂଯୋଜନା କରିଥିଲେ।

## ୧୫ଫୁଟ ଗାତକୁ ଖସି ଜଣେ ଆହତ





**ଭୁବନେଶ୍ୱର, ୪।୫ (ବ୍ୟୁରୋ)**

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ର ୨ ନମ୍ବର ୱାର୍ଡ ଅନ୍ତର୍ଗତ ନନ୍ଦନ ବିହାରରେ ସ୍ୱେରେଜ କାମ ମନ୍ଥର ଗତିରେ ଚାଲିଥିବାବେଳେ ରାସ୍ତାକୁ ବିଭିନ୍ନ ସ୍ଥାନରେ ଖୋଳି ଛାଡ଼ି ଦିଆଯାଇଛି। ଖରା ସମୟରେ ଉକ୍ତ ରାସ୍ତାରେ ପ୍ରବଳ ଧୂଳି ଉଡ଼ିବା ସହ ବର୍ଷାରେ କାଦୁଅ ପଚପଚ ହୋଇପଡୁଛି। ଉକ୍ତ ଖାଲ ଓ ଗାତରେ ପଡି ବହୁ ଲୋକ ଆହତ ହୋଇଥିବା ସୂଚନା ମିଳିଛି। କିଛିଦିନ ତଳେ ଜଣେ ସ୍କୁଟି ଚାଳକ ଦୁର୍ଘଟଣାର ଶିକାର ହୋଇ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ବୁଧବାର ଆଉଜଣେ ବ୍ୟକ୍ତି ୧୫ ଫୁଟ ଗଭୀର ଗାତକୁ ଖସି ଆହତ ହୋଇଛନ୍ତି। ସେ ନବ ନିର୍ମିତ ସ୍ୱେରେଜ ଟାଙ୍କି ନିକଟ ଦେଇ ଯାଉଥିବାବେଳେ ହଠାତ୍ ମାଟି ଅତଡ଼ା ଖସିବାରୁ ସେ ଉକ୍ତ ଗାତକୁ ଖସି ପଡିଥିଲେ। ତାଙ୍କ ନାମ ଅଭିଜିତ ଷଡଙ୍ଗୀ। ଅଗ୍ନିଶମ ବାହିନୀ ପହଞ୍ଚି ତାଙ୍କୁ ନିଶୁଣି ସହାୟତାରେ ଆହତ ଅବସ୍ଥାରେ ନିଶୁଣି ସାହାଯ୍ୟରେ ଉଦ୍ଧାର କରାଯାଇ ସ୍ଥାନୀୟ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଏହାପରେ ଜାଇକାର ଏଭଳି ମନମୁଖୀ କାର୍ଯ୍ୟକୁ ବିରୋଧ କରି ନନ୍ଦନ ବିହାର ବାସିନ୍ଦା ରାସ୍ତାରୋକୋ କରିଥିଲେ। ଖବରପାଇ ଇନ୍‌ଫୋସିଟି ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ପରେ ଆନ୍ଦୋଳନ ହଟିଥିଲା।

## ଚନ୍ଦନ ଯାତ୍ରାରେ ବିଭ୍ରାଟ: ଚାପ ଖେଳିପାରିଲେନି ଅଲାରନାଥ

**ବ୍ରହ୍ମଗିରି,୪।୫(ଡି.ଏନ୍.ଏ.)**

ଅକ୍ଷୟ ତୃତୀୟାଠାରୁ ଅଲାରନାଥଙ୍କ ଚନ୍ଦନଯାତ୍ରା ଆରମ୍ଭ ହୋଇଥାଏ। କିନ୍ତୁ ଚଳିତବର୍ଷ ଅଲାରନାଥ ପୀଠର ଚନ୍ଦନଯାତ୍ରାରେ ବିଭ୍ରାଟ ଦେଖାଦେଇଛି। ଯାତ୍ରାର ପ୍ରଥମଦିନରେ ଠାକୁର ଅଲାରନାଥ ଚାପ ଖେଳିପାରି ନାହାନ୍ତି। କେବଳ ବିଧି ଅନୁଯାୟୀ ମଧ୍ୟରାତ୍ରିରେ ଠାକୁରଙ୍କୁ ଜଳ ଛୁଆଁଇ ନୀତି ସମ୍ପନ୍ନ କରାଯାଇଥିଲା। ଫଳରେ ଠିକ୍ ସମୟରେ ପହୁଡ଼ ନୀତି ହୋଇପାରି ନ ଥିଲା। ଏ ନେଇ ବୁଧବାର ତହସିଲଦାର, ମନ୍ଦିର ପରିଚାଳନା କମିଟି ଓ ବିମାନବଡୁ ସେବକଙ୍କ ମଧ୍ୟରେ ଆଲୋଚନା ହେବା ପରେ ଚାପ ଖେଳ ହୋଇଥିଲା।

ସୂଚନା ଅନୁଯାୟୀ, ମଙ୍ଗଳବାର ଚାପଖେଳ ପାଇଁ ଠାକୁରଙ୍କୁ ବିମାନକୁ ନେବା ସମୟରେ ବିମାନ ବଡୁ ସେବକଙ୍କ ମଧ୍ୟରେ ବିବାଦ ଦେଖାଦେଇଥିଲା। ଫଳରେ ନୀତି ଅନୁଯାୟୀ ଅପରାହ୍ଣ ୪ଟାରେ ଠାକୁର ଚନ୍ଦନ ପୋଖରୀରେ ବିଜେ କରିପାରି ନ ଥିଲେ। ଏହି ବିବାଦର ସମାଧାନ ହେବାବେଳକୁ ରାତି ୯ଟା ହୋଇଯାଇଥିଲା। ଝଡ଼ ବର୍ଷା ହେବାରୁ ଠାକୁରଙ୍କୁ ଚନ୍ଦନ ଚକଡା ଓ ଚନ୍ଦନ ପୋଖରୀକୁ ନିଆଯାଇପାରି ନ ଥିଲା।

### ପ୍ରଥମ ଦିନରେ ତିନିରଥ ତୁମ୍ବ କାମ ଆରମ୍ଭ

**ପୁରୀ ଅଫିସ, ୪।୫**

ଅକ୍ଷୟ ତୃତୀୟାରେ ତିନିରଥ ନିର୍ମାଣ କାର୍ଯ୍ୟ ଅନୁକୂଳ ହେବା ପରେ ବୁଧବାରଠାରୁ ଶ୍ରୀନଅର ସମ୍ମୁଖସ୍ଥ ଅସ୍ଥାୟୀ ରଥଖଳାରେ ରଥ କାର୍ଯ୍ୟ ଆରମ୍ଭ ହୋଇଛି। ପ୍ରଥମ ଦିନରେ ତିନିରଥର ତୁମ୍ବ କାର୍ଯ୍ୟ ନିର୍ମାଣ ଆରମ୍ଭ କରାଯାଇଛି। ତିନିରଥର ୧୦ଜଣ ମହାରଣା, ୮ଜଣ ଭୋଇସେବକ, ୪ଜଣ କରତି ସେବକ, ଜଣେ ପାହି ମହାରଣା, ୬ ଜଣ ଓଝା ବା କମାର ସେବକ, ଜଣେ ରଥଖଳା ସହାୟକ ଏଭଳି ମୋଟ ୩୦ ଜଣ ରଥ ନିର୍ମାଣରେ ନିୟୋଜିତ ହୋଇଛନ୍ତି।

## 'ବୁଢ଼ାବଳଙ୍ଗର ମାଝି'କୁ ଦ୍ୱିତୀୟ 'ଅକ୍ଷୟ ଉପନ୍ୟାସ ପୁରସ୍କାର'

**ଭୁବନେଶ୍ୱର,୪।୫(ବ୍ୟୁରୋ)**

### ଯୁବ ଔପନ୍ୟାସିକ ରଞ୍ଜନ ପ୍ରଧାନ ପୁରସ୍କୃତ

ପ୍ରତିଭା ରାୟ ଫାଉଣ୍ଡେଶନ ଟ୍ରଷ୍ଟ ଓ ଆଦ୍ୟା ପ୍ରକାଶନୀର ମିଳିତ ଆନୁକୂଲ୍ୟରେ ବୁଧବାର ଦ୍ୱିତୀୟ 'ଅକ୍ଷୟ ଉପନ୍ୟାସ ପୁରସ୍କାର' ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଟ୍ରଷ୍ଟର ସଭାପତି ତଥା ଉପନ୍ୟାସିକା ପଦ୍ମଭୂଷଣ ପ୍ରତିଭା ରାୟ ପୌରୋହିତ୍ୟ କରିଥିଲେ। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ସମ୍ବାଦର ସମ୍ପାଦକ ସୌମ୍ୟରଞ୍ଜନ ପଟ୍ଟନାୟକ ଯୋଗଦେଇ କହିଥିଲେ, ଓଡ଼ିଆ ସାହିତ୍ୟରେ ମଳ, ଫଳ ଓ ନଳିତାର ପ୍ରବାହ ଅବ୍ୟାହତ ଥିଲେ ମଧ ଦିନକୁ ଦିନ ଉପନ୍ୟାସ ସୃଷ୍ଟି ଓ ସ୍ରଷ୍ଟାଙ୍କ ସଂଖ୍ୟା କମିଯାଇଛି। ସମ୍ମାନିତ ଅତିଥି ସାହିତ୍ୟିକ ଓ ପୂର୍ବତନ ମୁଖ୍ୟ ସଚିବ ତରୁଣକାନ୍ତି ମିଶ୍ର ସାହିତ୍ୟ ଜଗତରେ ଉପନ୍ୟାସର ବହୁଳତା କମିଥିବା ହେତୁ ଉଦ୍‌ବେଗ ପ୍ରକାଶ କରିଥିଲେ। ଚଳିତବର୍ଷର ଏହି ପୁରସ୍କାର ଯୁବ ଔପନ୍ୟାସିକ ରଞ୍ଜନ ପ୍ରଧାନଙ୍କୁ ତାଙ୍କ ଲିଖିତ 'ବୁଢ଼ାବଳଙ୍ଗର ମାଝି' ଉପନ୍ୟାସ ପାଇଁ ଅତିଥିମାନେ ସମ୍ମାନିତ କରିଥିଲେ। ଡ. ରାୟ ତାଙ୍କ ଅଭିଭାଷଣରେ କହିଥିଲେ, ଏବେ ଓଡ଼ିଆ ଗଦ୍ୟ ସାହିତ୍ୟ ସଙ୍କଟରେ। କବିତା ଓ ଗଳ୍ପ ତୁଳନାରେ ଉପନ୍ୟାସ ଲେଖା କମି ଯାଉଥିବାର ଲକ୍ଷ୍ୟ କରି ଯୁବ ଉପନ୍ୟାସ ରଚୟିତାଙ୍କୁ ପ୍ରୋତ୍ସାହନ ଦେବା ପାଇଁ ଏହି ପୁରସ୍କାର ଆରମ୍ଭ କରାଯାଇଛି। ଅନୁଷ୍ଠାନର ଉପସଭାପତି ତଥା ମ୍ୟାନେଜିଂ ଟ୍ରଷ୍ଟି ଡ. ଆଦ୍ୟାଶା ଦାସ ପ୍ରତିଭା ରାୟ ଫାଉଣ୍ଡେଶନ ଟ୍ରଷ୍ଟର ଲକ୍ଷ୍ୟ ଓ ଆଭିମୁଖ୍ୟ ଓଡ଼ିଆ ସାହିତ୍ୟ ଓ ସଂସ୍କୃତିର ବିକାଶ ପାଇଁ ଉଦ୍ଦିଷ୍ଟ ବୋଲି ମତବ୍ୟକ୍ତ କରିଥିଲେ। ସାହିତ୍ୟିକ ଦେବପ୍ରସାଦ ଦାଶଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଉତ୍ସବର ସଫଳତା ପାଇଁ ଟ୍ରଷ୍ଟର ସମ୍ପାଦକ ଈଶାନି ଦାସ ଉପସ୍ଥିତ ଶ୍ରୋତା ଏବଂ ବ୍ୟକ୍ତିମାନଙ୍କୁ ଧନ୍ୟବାଦ ଦେଇଥିଲେ।

## 'ନିରପେକ୍ଷତାରେ ହିଁ ସମାଜର ମଙ୍ଗଳ ହେବ'

**ଭୁବନେଶ୍ୱର, ୪।୫(ବ୍ୟୁରୋ)**




ସମ୍ମିଳନୀରେ ଉପସ୍ଥିତ ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ ସାହୁ ଓ ଅନ୍ୟ ଅତିଥି ମୁଖପତ୍ର ଉନ୍ମୋଚନ କରୁଛନ୍ତି।

### ସମ୍ମାନିତ ହେଲେ ୭ ଯୁବ ଖବରଦାତା

ସମାଜ ପ୍ରତି ଦାୟିତ୍ୱ ଓ ଗଣସଚେତନତାର ବାହକ ଭାବେ ସାମ୍ବାଦିକଙ୍କ ଏକ ବଳିଷ୍ଠ ଭୂମିକା ରହିଛି। ସେମାନେ ସାମାଜିକ ପ୍ରତିବଦ୍ଧତା ସହ ନିରପେକ୍ଷ ସମ୍ବାଦ ପରିବେଷଣ କଲେ ସମାଜର ମଙ୍ଗଳ ସାଧନ ହେବ ବୋଲି ବୁଧବାର ସୂଚନାଭବନଠାରେ ଆୟୋଜିତ ରାଜ୍ୟସ୍ତରୀୟ ଖବରଦାତା ସମ୍ମିଳନୀକୁ ଉଦ୍‌ଘାଟନ କରି ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର କହିଛନ୍ତି। ଉତ୍କଳ ସାମ୍ବାଦିକ ସଙ୍ଘ ଓ ଭୁବନେଶ୍ୱର ସାମ୍ବାଦିକ ସଙ୍ଘ ପକ୍ଷରୁ ମିଳିତ ଭାବେ ଆୟୋଜିତ ଏହି ସମ୍ମିଳନୀରେ କାର୍ଯ୍ୟରତ ସାମ୍ବାଦିକଙ୍କୁ ଆକ୍ରମଣକାରୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଜିଲାପାଳ ଓ ଏସ୍‌ପିମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବିଶ୍ୱ ପ୍ରେସ୍ ସ୍ୱାଧୀନତା ଦିବସ ଉପଲକ୍ଷେ ଆୟୋଜିତ ଫଟୋଚିତ୍ର ପ୍ରଦର୍ଶନୀକୁ ମହାପାତ୍ର ବୁଲି ଦେଖିଥିଲେ। ରାଜ୍ୟର ବିଭିନ୍ନ ସ୍ଥାନରୁ ସାମ୍ବାଦିକତା କ୍ଷେତ୍ରରେ ଉତ୍ତମ କାର୍ଯ୍ୟ କରିଥିବା ୭ଜଣ ଯୁବ ସାମ୍ବାଦିକଙ୍କୁ ମହାପାତ୍ର ସମ୍ବର୍ଦ୍ଧିତ କରିଥିଲେ। ଏଥିସହ ଉତ୍କଳ ସାମ୍ବାଦିକ ସଂଘର ମୁଖପତ୍ର 'ଓଡ଼ିଶା କର୍ମଜୀବୀ' ଉନ୍ମୋଚନ କରିଥିଲେ। ଦ୍ୱିତୀୟ ଅଧିବେଶନରେ ଆୟୋଜିତ ସମ୍ମିଳନୀରେ ଆଇନ୍ ଓ ପଞ୍ଚାୟତିରାଜ ମନ୍ତ୍ରୀ ପ୍ରତାପ ଜେନା ଉଦ୍‌ଘାଟକ ଭାବେ ଯୋଗଦେଇ ସାମ୍ବାଦିକଙ୍କ କ୍ଷେତ୍ରରେ ଲାଗୁ କରାଯାଇଥିବା ଗୃହ ଓ ଯାନବାହନ ଋଣର ସୁଧ ରିହାତି ସୁବିଧା ଦିଆଯିବା ଉପରେ ଗୁରୁତ୍ୱାରୋପ କରାଯିବ ବୋଲି କହିଥିଲେ। କୃଷି, ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଖବରଦାତାମାନେ ନିଜର ଦାୟିତ୍ୱ ଓ କର୍ତ୍ତବ୍ୟ ପ୍ରତି ଅଧିକ ସଚେତନ ହେବା ଜରୁରୀ। ସାମ୍ବାଦିକତା କ୍ଷେତ୍ରକୁ ଅଧିକ ଉତ୍ତରଦାୟୀ କରିବାକୁ କ୍ରମାଗତ କର୍ମଶାଳାର ଆୟୋଜନ କରାଯିବାକୁ ମନ୍ତ୍ରୀ ସାହୁ ପରାମର୍ଶ ଦେଇଥିଲେ। ଅନ୍ୟ ଅତିଥିଙ୍କ ମଧ୍ୟରେ ଭୁବନେଶ୍ୱର ମଧ ବିଧାୟକ ଅନନ୍ତ ନାରାୟଣ ଜେନା, ସାମ୍ବାଦିକ ପ୍ରଦ୍ୟୁମ୍ନ କୁମାର ମହାନ୍ତି ସାମ୍ବାଦିକଙ୍କ ସୁରକ୍ଷା ଉପରେ ଉଦ୍‌ବୋଧନ ଦେଇଥିଲେ। ଉତ୍କଳ ସାମ୍ବାଦିକ ସଂଘର ସଭାପତି ବିଭୂତି ଭୂଷଣ କର ଏହି ସଭାର ଅଧ୍ୟକ୍ଷତା କରିବା ସହ ସାମ୍ବାଦିକଙ୍କ ବିଭିନ୍ନ ସମସ୍ୟା ଓ ସଙ୍ଘର ମୁଖ୍ୟ ଉପଦେଷ୍ଟା ତଥା ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକ ସାମ୍ବାଦିକମାନଙ୍କ ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଜାତୀୟ ସାମ୍ବାଦିକ କଲ୍ୟାଣ ବୋର୍ଡ଼ର ସାଧାରଣ ସମ୍ପାଦକ ସନତ୍ ମିଶ୍ର ଅତିଥି ପରିଚୟ ଦେଇଥିଲେ। ସାମ୍ବାଦିକ ଲିଙ୍ଗରାଜ ସାହୁଙ୍କୁ ଉତ୍କଳ ସାମ୍ବାଦିକ ସଂଘର ରାଜ୍ୟ ମୁଖପାତ୍ର ଭାବେ ମନୋନୀତ କରାଯାଇଥିଲା। ଆୟୋଜିତ ସମ୍ମିଳନୀରେ ସ୍ୱାସ୍ଥ୍ୟବୀମା ରାଶି ୨ଲକ୍ଷରୁ ୧୦ ଲକ୍ଷ ଟଙ୍କାକୁ ବୃଦ୍ଧି ସହ ଅବସରକାଳୀନ ପେନ୍‌ସନ୍ ପ୍ରଦାନ କରିବା ଦିଗରେ ଆଲୋଚନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ରାଜ୍ୟର ୩୦ଟି ଜିଲାର ସଭାପତି, ସମ୍ପାଦକ ଓ କାର୍ଯ୍ୟକର୍ତ୍ତା ଏବଂ ରାଜ୍ୟର ବିଭିନ୍ନ ସ୍ତରରେ ଉଲ୍ଲେଖନୀୟ ସେବା ପାଇଁ ୧୫ଜଣଙ୍କୁ ସମ୍ମାନିତ କରାଯାଇଥିଲା। ଭୁବନେଶ୍ୱର ଖବରଦାତା ସଂଘର ସଭାପତି ପ୍ରତାପ ଚନ୍ଦ୍ର ପ୍ରଧାନ ଧନ୍ୟବାଦ ଦେଇଥିଲେ।

**ସଂକ୍ଷେପରେ**

## ଭାରସାମ୍ୟ ହରାଇ ବିଲକୁ ଓଲଟିଲା କାର୍



**ନିରାକାରପୁର,୪।୫(ଡି.ଏନ୍.ଏ.):** ନିରାକାରପୁରସ୍ଥିତ ରତାମାଟି ଛକରୁ ବୁଧବାର ସକାଳ ୮ଟା ବେଳେ ଏକ କାର୍ ଭାରସାମ୍ୟ ହରାଇ ରାସ୍ତାପାର୍ଶ୍ୱ ବିଲକୁ ଓଲଟି ପଡି ୨ଜଣ ଆହତ ହୋଇଛନ୍ତି। ଆହତଦ୍ୱୟ ହେଲେ ଚାନ୍ଦପୁର ଥାନା ଚମ୍ପାଗଡ ଗ୍ରାମର ଭାଗୀରଥି ପ୍ରଧାନ ଓ ତାଙ୍କ ଭାଇ। ସେମାନଙ୍କ ପାଟି ଶୁଣି ସ୍ଥାନୀୟ ଲୋକ ପ୍ରଥମେ ତାଙ୍କୁ ଉଦ୍ଧାର କରିଥିଲେ। ଖବରପାଇ ଜଙ୍କିଆ ଥାନା ପୋଲିସ ପହଞ୍ଚି ଆହତ ଦ୍ୱୟଙ୍କୁ ଚିକିତ୍ସା ନିମନ୍ତେ ଖୋର୍ଦ୍ଧା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ତଦନ୍ତ ଚାଲୁ ରଖିଛି। ସୂଚନା ଅନୁସାରେ, ମଙ୍ଗଳବାର ରାତିରେ ଭାଗୀରଥିଙ୍କ ଭଉଣୀଙ୍କର ବାହାଘର ଥିଲା । ବୁଧବାର ସକାଳୁ ଭଉଣୀ ଶାଶୁଘର ଭୁବନେଶ୍ୱରକୁ ଯାଉଥିବା ବେଳେ ୨ଭାଇ ନିଜର ଓଡି୦୨ ଏଏକ୍ସ-୫୫୨୪ କାର୍ ଯୋଗେ ଜିନିଷପତ୍ର ନେଇ ତାଙ୍କ ଗାଡି ପଛରେ ଯାଉଥିଲେ। ହେଲେ ଗାଡ଼ିଟି ରତାମାଟି ଛକଠାରେ ହେବା ସମୟରେ ହଠାତ୍ ଭାରସାମ୍ୟ ହରାଇ ବିଲ ମଧ୍ୟକୁ ପଶି ଓଲଟିଯାଇଥିଲା। ଫଳରେ ଗାଡ଼ିରେ ଥିବା ୨ଭାଇ ଗୁରୁତର ଆହତ ହୋଇଥିଲେ।

## ୪୦ହଜାର ଟଙ୍କାର ଗଞ୍ଜେଇ ଜବତ, ଜଣେ ଗିରଫ

**ଖୋର୍ଦ୍ଧା ଅଫିସ, ୪।୫ :** ଖୋର୍ଦ୍ଧା ଅବକାରୀ ବିଭାଗ ପକ୍ଷରୁ ବୋଲଗଡ ଥାନା ସୁନାଖଳା ଛକରେ ବୁଧବାର ଚଢ଼ାଉ କରି ୮ଗ୍ରାମ ଗଞ୍ଜେଇ ଜବତ କରିବା ସହ ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ କନ୍ଧମାଳ ଜିଲା ଫୁଲବାଣୀ ଥାନା ଫୁଲବାଣୀ ସାହିର ସୁଶାନ୍ତ କୁମାର ସାହୁ(୩୬)। ଏ ନେଇ ଅବକାରୀ ଥାନାରେ ଏନ୍‌ଡିପିଏସ୍ ଆକ୍ଟରେ ନଂ.୧୨/୨୨ ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଜବତ ଗଞ୍ଜେଇର ମୂଲ୍ୟ ପ୍ରାୟ ୪୦ହଜାର ଟଙ୍କା ହେବ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ବୁଧବାର ପୂର୍ବାହ୍ନରେ ସୁଶାନ୍ତ ଫୁଲବାଣୀରୁ ଗଞ୍ଜେଇ ଆଣି ସୁନାଖଳା ଛକରେ ଗ୍ରାହକଙ୍କୁ ବିକ୍ରି କରିବା ପାଇଁ ଅପେକ୍ଷା କରିଥିଲେ। ତେବେ ବିଶେଷ ସୂତ୍ରରୁ ଅବକାରୀ ବିଭାଗ ଏହି ଖବରପାଇ ମୋବାଇଲ ୟୁନିଟ୍ ଏସ୍ଆଇ ବି.ମନୋଜ କୁମାରଙ୍କ ନେତୃତ୍ୱରେ ଏକ ଟିମ୍ ଉକ୍ତ ଅଞ୍ଚଳରେ ଚଢ଼ାଉ କରି ଅଭିଯୁକ୍ତଙ୍କୁ ଧରିଥିଲା।

## ପୂର୍ବତନ ନଗରପାଳ ବନମାଳୀଙ୍କ ସ୍ମୃତିସଭା

**ଜଟଣୀ,୪।୫(ଡି.ଏନ୍.ଏ.):** ଜଟଣୀ ପୌରାଞ୍ଚଳ ଅନ୍ତର୍ଗତ ବାଳିକା ଉଚ୍ଚବିଦ୍ୟାଳୟ ନିକଟରେ ଜଟଣୀର ପୂର୍ବତନ ନଗରପାଳ ବନମାଳୀ ଶତପଥୀଙ୍କ ଏକ ସ୍ମୃତିସଭା ଓ ପ୍ରତିମୂର୍ତ୍ତି ଅନାବରଣ ଉତ୍ସବ ଆୟୋଜିତ ହୋଇଯାଇଛି। ବନମାଳୀ ସ୍ମୃତି କମିଟି ଓ ଜଟଣୀ ପୌରପରିଷଦ ପକ୍ଷରୁ ସ୍ୱର୍ଗତ ବନମାଳୀଙ୍କ ୧୦୯ତମ ଜୟନ୍ତୀ ଉତ୍ସବ ପାଳନ ଅବସରରେ ତାଙ୍କ ପ୍ରତିମୂର୍ତ୍ତି ଅନାବରଣ କରାଯାଇଥିଲା। ଏହି ଉତ୍ସବରେ ଖୋର୍ଦ୍ଧା ଜିଲା ବିଜେଡି ସଭାପତି ବିଭୂତି ଭୂଷଣ ବଳବନ୍ତରାୟ ଯୋଗ ଦେଇ ସ୍ୱର୍ଗତ ଶତପଥୀଙ୍କ ପ୍ରତିମୂର୍ତ୍ତି ଅନାବରଣ କରିଥିଲେ। ଅନ୍ୟତମ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକ, ଖୋର୍ଦ୍ଧା ଜିଲା ପରିଷଦ ଅଧ୍ୟକ୍ଷ ରୂପଶ୍ରୀ ଗୁମାନସିଂହ, ଆଇନଜୀବୀ ବୀରେନ୍ଦ୍ର ପଟ୍ଟନାୟକ, ବନମାଳୀ ଶତପଥୀ ସ୍ମୃତି କମିଟି ଅଧ୍ୟକ୍ଷ ରାଜେନ୍ଦ୍ର ପ୍ରସାଦ ପଟ୍ଟନାୟକ, ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଦିଲୀପ ମହାନ୍ତି, ପୌରାଧ୍ୟକ୍ଷ ଅନନ୍ତ ବେହେରା, ଉପାଧ୍ୟକ୍ଷା ଆରତି ରାଉତ, ରାଜକିଶୋରେ ସ୍ୱାଇଁ, ବିଜୟ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ଅକ୍ଷୟ ମହାନ୍ତି ମଞ୍ଚ ପରିଚାଳନା ଓ ଶିକ୍ଷାବିତ୍ ସୁଶାନ୍ତ ରାଉତ ଧନ୍ୟବାଦ ଦେଇଥିଲେ। ଉତ୍ସବରେ ସ୍ୱର୍ଗତ ବନମାଳୀଙ୍କ ପୁଅ ସୀତାକାନ୍ତ ଶତପଥୀ, ନାତି ଲିଟୁ, ଲକ୍ଷ୍ମୀକାନ୍ତ,ଉମାକାନ୍ତ, ଶଶିକାନ୍ତ ପ୍ରମୁଖ ଯୋଗଦେଇ ସ୍ମୃତିଚାରଣ କରିଥିଲେ।

## ପ୍ରୟାସର ଉଦ୍‌ଘାଟନ ଉତ୍ସବ

**ନିରାକାରପୁର,୪।୫(ଡି.ଏନ୍.ଏ.):** ନିରାକାରପୁରର ଗଡଖାରଦ ପଞ୍ଚାୟତ ବିରିତୋଇ ଗ୍ରାମରେ ସାମାଜିକ ଅନୁଷ୍ଠାନ ପ୍ରୟାସର ଉଦ୍‌ଘାଟନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଭାଜପା ନେତା କୃଷ୍ଣ ଜଗଦେବ ପୌରୋହିତ୍ୟ କରିଥିବା ବେଳେ ସମ୍ପାଦକ କାମାକ୍ଷାପ୍ରସାଦ ପ୍ରଧାନ, ସରପଞ୍ଚ ମହେଶ୍ୱର ସେଠୀ, ବିଶ୍ୱଜିତ ବଡଜେନା, ଆଦିକନ୍ଦ ଶ୍ରୀଚନ୍ଦନ, ଭାସ୍କର ମିଶ୍ର, ଜିଷ୍ଣୁଜୟ ମତଗଜ ସିଂହ, କିଶୋର ମାର୍ଥା, ପ୍ରାଚୁର୍ଯ୍ୟ ହୋତା ଓ ଅଭିମନ୍ୟୁ ଉଦୟସିଂହ ପ୍ରମୁଖ ଯୋଗଦେଇଥିଲେ।

# ୧୪୩୭ ଅଙ୍ଗନୱାଡି କେନ୍ଦ୍ରର ନିଜସ୍ୱ ଗୃହ ନାହିଁ

**କୃଷ୍ଣପ୍ରସାଦ,୪।୫(ଡି.ଏନ୍.ଏ.)**



ବ୍ଲକ୍ ସଭାଗୃହରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଉପସ୍ଥିତ ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ଜ୍ୟୋତିଶଙ୍କର ମହାପାତ୍ର ଓ ଅନ୍ୟ ଅଧିକାରୀ।

### ଜିଲା ପ୍ରକଳ୍ପ ନିର୍ଦ୍ଦେଶକଙ୍କ ସମୀକ୍ଷା ବୈଠକ

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ସଭାଗୃହରେ ବୁଧବାର ଜିଲା ପ୍ରକଳ୍ପ ନିର୍ଦ୍ଦେଶକଙ୍କ ଏକ ସମୀକ୍ଷା ବୈଠକ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷା ସରୋଜିନୀ ତରେଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବିଡିଓ ମନୋଜ କୁମାର ନାୟକ, ଉପାଧ୍ୟକ୍ଷ ଶକୁନ୍ତଳା ଗଡ୍ଡ, ମୁଖ୍ୟ କିରାଣି କୁବେର ଜେନା, ସହକାରୀ ଯନ୍ତ୍ରୀ ପ୍ରସନ୍ନ କୁମାର ସ୍ୱାଇଁ, ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ରଶ୍ମିରଞ୍ଜନ ସାହୁ, କନିଷ୍ଠ ଯନ୍ତ୍ରୀ ପବିତ୍ର ମଲ୍ଲିକ, କମଳାକାନ୍ତ ବାସ୍କେ, ଧର୍ମେନ୍ଦ୍ର ସାମନ୍ତରାୟ, ବରିଷ୍ଠ ସହାୟକ ରଞ୍ଜନ କୁମାର ବେହେରା ଏବଂ ନିର୍ବାଚିତ ପ୍ରତିନିଧିମାନେ ଯୋଗଦେଇଥିଲେ। ନିର୍ବାଚିତ ପ୍ରତିନିଧିମାନଙ୍କୁ ସେମାନଙ୍କ କାର୍ଯ୍ୟ ସମ୍ପର୍କରେ ପ୍ରକଳ୍ପ ନିର୍ଦ୍ଦେଶକ ଜ୍ୟୋତିଶଙ୍କର ମହାପାତ୍ର କହିଥିଲେ। ପୁରୀ ଜିଲାରେ ମୋଟ ୨୫୯୯ଟି ଅଙ୍ଗନୱାଡି କେନ୍ଦ୍ର ରହିଥିବାବେଳେ ସେଥିମଧ୍ୟରୁ ୧୧୬୨ଟି ନିଜସ୍ୱ ଗୃହ ରହିଛି। ଅବଶିଷ୍ଟ ୧୪୩୭ଟି ଅଙ୍ଗନୱାଡି କେନ୍ଦ୍ରର ନିଜସ୍ୱ ଗୃହ ନାହିଁ। ତେଣୁ ଖୁବ୍‌ଶୀଘ୍ର ସେହି ସବୁ କେନ୍ଦ୍ରଗୁଡିକର ଗୃହ ନିର୍ମାଣ କାର୍ଯ୍ୟ ଖୁବ୍ ଶୀଘ୍ର ଆରମ୍ଭ ହେବ। ଜିଲାର ଅଙ୍ଗନୱାଡିଗୁଡ଼ିକୁ ସାରା ରାଜ୍ୟରେ ଏକ ନମ୍ବର କରିବା ପାଇଁ ଉଦ୍ଦେଶ୍ୟ ଥିବା ପ୍ରକଳ୍ପ ନିର୍ଦ୍ଦେଶକ କହିଥିଲେ। ଗ୍ରାମାଞ୍ଚଳରେ ପରିମଳ ବ୍ୟବସ୍ଥାକୁ ଉନ୍ନତୀକରଣ କରାଯିବ। ପ୍ରତି ପଞ୍ଚାୟତରେ ପାର୍କ, ଲାଇବ୍ରେରି କରାଯିବ। ଉଚ୍ଚ ବିଦ୍ୟାଳୟ ଭଳି ପଞ୍ଚାୟତରେ ଗୋଟିଏ ପ୍ରାଥମିକ ବିଦ୍ୟାଳୟକୁ ରୂପାନ୍ତରଣ କରାଯିବ। ଏଥିପାଇଁ ନିର୍ବାଚିତ ପ୍ରତିନିଧିମାନେ ମନୋନୀତ କରିବେ। ସରପଞ୍ଚଙ୍କ ନିର୍ଦ୍ଦେଶ ଅନୁଯାୟୀ ବିଦ୍ୟାଳୟର ମରାମତି କାର୍ଯ୍ୟ କରାଯିବ। ଫନୀ ଗୃହ ଯୋଗାଣ ପାଇଁ ଚୂଡାନ୍ତ ତାଲିକା ପ୍ରସ୍ତୁତ କରାଯିବ ବୋଲି ପ୍ରକଳ୍ପ ନିର୍ଦ୍ଦେଶକ କହିଥିଲେ। ଶେଷରେ ସହକାରୀ ଯନ୍ତ୍ରୀ ପ୍ରସନ୍ନ କୁମାର ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

# ପ୍ରଥମ ଦିନରେ ତିନିରଥ ତୁମ୍ବ କାମ ଆରମ୍ଭ



ପୁରୀ ଶ୍ରୀନଅର ସମ୍ମୁଖରେ ହୋଇଥିବା ଅସ୍ଥାୟୀ ରଥଖଳାରେ ବୁଧବାର ସେବାୟତମାନେ କାଠ ଚିରଟ କରୁଛନ୍ତି।

**ପୁରୀ ଅଫିସ, ୪।୫**

### ରଥଖଳାରୁ

ପବିତ୍ର ଅକ୍ଷୟ ତୃତୀୟାରେ ତିନିରଥ ନିର୍ମାଣ କାର୍ଯ୍ୟ ଅନୁକୂଳ ହେବା ପରେ ବୁଧବାରଠାରୁ ଶ୍ରୀନଅର ସମ୍ମୁଖସ୍ଥ ଅସ୍ଥାୟୀ ରଥଖଳାରେ ବିଧିବଦ୍ଧ ଭାବେ ରଥକାର୍ଯ୍ୟ ଆରମ୍ଭ ହୋଇଛି। ପରମ୍ପରା ଅନୁଯାୟୀ, ପ୍ରଥମ ଦିନରେ ତିନିରଥର ତୁମ୍ବ କାର୍ଯ୍ୟ ନିର୍ମାଣ ଆରମ୍ଭ କରାଯାଇଛି। ରଥଖଳାରେ ମହାରଣା, କରତିଆ ଓ ଭୋଇ ସେବାୟତମାନେ ପହଞ୍ଚିଛନ୍ତି। ତିନିରଥର ୧୦ଜଣ ମହାରଣା, ୮ଜଣ ଭୋଇସେବକ, ୪ଜଣ କରତି ସେବକ, ଜଣେ ପାହି ମହାରଣା, ୬ ଜଣ ଓଝା ବା କମାର ସେବକ, ଜଣେ ରଥଖଳା ସହାୟକ ଏଭଳି ମୋଟ ୩୦ ଜଣ ରଥ ନିର୍ମାଣରେ ନିୟୋଜିତ ହୋଇଛନ୍ତି। ନନ୍ଦିଘୋଷ ରଥ ଓ ତାଳଧ୍ୱଜ ରଥର ତୁମ୍ବ ସାଇଜ ୨ଫୁଟ ୮ଇଞ୍ଚ ରହୁଥିବା ବେଳେ ମା' ସୁଭଦ୍ରାଙ୍କ ରଥ ତୁମ୍ବର ମାପ ୩ଫୁଟ ରହିଥାଏ। ତୁମ୍ବକୁ ବାରିସିରେ ଗୋଲେଇ କରି ସମତୁଲ କଲାପରେ ବଳକା ଅଂଶକୁ କଟାଯାଇଥାଏ। ଅମିନ ମହାରଣା ତୁମ୍ବ ପାଇଁ ଆବଶ୍ୟକ ଫାସିକାଠରେ ଚିହ୍ନ ଦେବା ପରେ କରତି ସେବକ ତୁମ୍ବ କାଠ କାଟିଥିଲେ, ଯାହାକୁ ତିନିରଥର ମହାରଣାମାନେ ବାରିସିରେ ହାଣି ଗୋଲେଇ କରିବା କାର୍ଯ୍ୟ ଜାରି ରଖିଛନ୍ତି। ପରମ୍ପରା ଅନୁଯାୟୀ, ତିନିରଥ ପାଇଁ ଗୋଟିଏ ଲେଖାଏ ତୁମ୍ବ କଟାଯାଇଥିଲା। ତୁମ୍ବ କଟା ହେବା ପରେ ମହାରଣା ସେବାୟତମାନେ ସମ୍ପୃକ୍ତ ତିନିଟି ତୁମ୍ବକୁ ବାରିସି ସାହାଯ୍ୟରେ କାଟି ସାଇଜ କରିଛନ୍ତି ବୋଲି ନନ୍ଦିଘୋଷ ରଥର ମୁଖ୍ୟ ବିଶ୍ୱକର୍ମା ମହାରଣା ବିଜୟ ମହାପାତ୍ର ସୂଚନା ଦେଇଛନ୍ତି। ତେବେ ତିନିରଥ ପାଇଁ ୪୨ଟି ତୁମ୍ବ ନିର୍ମାଣ କରାଯିବ। ସେଥିମଧ୍ୟରୁ ବଡ଼ ବାଡ଼ ପ୍ରଭୁ ବଳଭଦ୍ରଙ୍କ ତାଳଧ୍ୱଜ ପାଇଁ ୧୪ଟି ତୁମ୍ବ, ମଝିବାଡ଼ ମା' ସୁଭଦ୍ରାଙ୍କ ଦେବଦଳନ ରଥ ପାଇଁ ୧୨ଟି ତୁମ୍ବ ଏବଂ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥ ପାଇଁ ୧୬ଟି ତୁମ୍ବ ନିର୍ମାଣ କରାଯିବ। ରଥଖଳା ଚାରିପାଖକୁ ଧଳା କପଡ଼ାରେ ଆଚ୍ଛାଦିତ କରାଯାଇଛି। ରଥ ନିର୍ମାଣ ବେଳେ ସେବାୟତମାନେ ଯେପରି କୌଣସି ଅସୁବିଧାର ସମ୍ମୁଖୀନ ନ ହେବେ ସେଥିପାଇଁ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି।

## ୬ ମୋବାଇଲ ଫୋନ ଜବତ, ୨ ଗିରଫ

**ଯାଁଳା,୪।୫(ଡି.ଏନ୍.ଏ.)**

ପୃଥକ ଚୋରି ମାମଲାରେ ଇଣ୍ଟୋଭ୍ୟାଲି ଥାନା ପୋଲିସ ଦୁଇଜଣ ଚୋରଙ୍କୁ ଗିରଫ କରିଛି। ସେମାନେ ହେଲେ ଇଣ୍ଟୋଭ୍ୟାଲି ଥାନା ଗଙ୍ଗପଡାର ନାରାୟଣ ସାମନ୍ତରା (୩୦) ଓ ଯାଁଳା ଗ୍ରାମର ସୌଭାଗ୍ୟ ସାହୁ (୩୦)। ସେମାନଙ୍କଠାରୁ ପୋଲିସ ୬ଟି ମୋବାଇଲ ଫୋନ ଜବତ କରିଛି। ସୂଚନା ଅନୁସାରେ ଗଙ୍ଗପଡାର ଏକ ସ୍କୁଟି ଗୋଦାମରେ ସିକ୍ୟୁରିଟି ଗାର୍ଡ ଭାବେ କାର୍ଯ୍ୟ କରୁଥିବା ପ୍ରସନ୍ନ ରାଜୁ ଗତ ୩୦ ତାରିଖରେ ନିଜ ମୋବାଇଲକୁ ଏକ ଚୌକିରେ ରଖି କାମ କରୁଥିଲେ। ଏହି ସମୟରେ ନାରାୟଣ ତାଙ୍କ ମୋବାଇଲ ଚୋରି କରିଥିଲା। ଏ ନେଇ ପ୍ରସନ୍ନ ଥାନାର ଦ୍ୱାରସ୍ଥ ହୋଇଥିଲେ। ଅଭିଯୋଗକ୍ରମେ ପୋଲିସ ତଦନ୍ତ କରି ଅଭିଯୁକ୍ତ ନାରାୟଣଙ୍କୁ ଗଙ୍ଗପଡାରୁ ମୋବାଇଲ ବିକ୍ରି କରିବାବେଳେ ଗିରଫ କରିଛି। ସେହିଭଳି ଉତ୍ତର ମୁଣ୍ଡମୁହାଣ ଗ୍ରାମର ଅଶ୍ୱିନୀ କୁମାର ଜଗଦେବଙ୍କ ସ୍ତ୍ରୀ ଗତ ୩ ତାରିଖରେ ଘର କାମରେ ବ୍ୟସ୍ତ ଥିଲେ। ଏହାର ସୁଯୋଗ ନେଇ ଅଭିଯୁକ୍ତ ସୌଭାଗ୍ୟ ଅଶ୍ୱିନୀଙ୍କ ଘରେ ପଶି ମୋବାଇଲ ଚୋରି କରି ଚମ୍ପଟ ମାରିଥିଲା। ଏ ନେଇ ଅଶ୍ୱିନୀ ଯାଁଳା ଫାଣ୍ଡିରେ ଅଭିଯୋଗ କରିଥିଲେ। ସୌଭାଗ୍ୟ ଉକ୍ତ ଚୋରି ମୋବାଇଲକୁ ବିକ୍ରି କରିବା ପାଇଁ ଯାଁଳା ବଜାରରେ ଗ୍ରାହକ ଠିକ୍ କରୁଥିବା ବେଳେ କୌଣସି ସୂତ୍ରରୁ ପୋଲିସ ଖବର ପାଇ ଚୋରକୁ ମାଡି ବସିଥିଲା। ତାଙ୍କ ନିକଟରୁ ୫ଟି ଚୋରି ମୋବାଇଲ ଫୋନ ପୋଲିସ ଜବତ କରିଥିଲା।

# ମାର୍ଚ୍ଚରେ ଭୁବନେଶ୍ୱରରୁ ୯୮ ଗିରଫ

### ୧.୨୦ଲକ୍ଷ ଟଙ୍କା, ୪୩ ଚୋରା ଗାଡ଼ି, ୯୯ ମୋବାଇଲ ଫୋନ ଜବତ

**ଭୁବନେଶ୍ୱର, ୪।୫ (ବ୍ୟୁରୋ)**

ଦିନକୁ ଦିନ ରାଜଧାନୀ ଭୁବନେଶ୍ୱର ଅପରାଧୀଙ୍କ କବଳକୁ ଚାଲିଯାଉଛି। ବିଶେଷକରି ଲୁଟେରା ଓ ଚୋରଙ୍କ ଉତ୍ପାତ ବଢ଼ି ଚାଲିଛି। ପାଟ୍ରୋଲିଂ ସତ୍ତ୍ୱେ ଦିନ ହେଉ କି ରାତି, ଦୁର୍ବୃତ୍ତମାନେ ଲୁଟ୍, ଛିନତାଇ କରି କମିଶନରେଟ ପୋଲିସକୁ ଖୋଲା ଚ୍ୟାଲେଞ୍ଜ ଦେଉଛନ୍ତି। ପୋଲିସ ପଦକ୍ଷେପ ନେଉଥିଲେ ମଧ୍ୟ ଏପରି ଅପରାଧ କମିବାର ନାଁ ଧରୁନାହିଁ। କେବଳ ମାର୍ଚ୍ଚରେ ଭୁବନେଶ୍ୱର ସହରାଞ୍ଚଳ ଜିଲାରେ ବିଭିନ୍ନ ଥାନାରେ ଗଠିତ ପିଓପିଡି ଓ ଟିମ୍-୬୦ର ମିଳିତ ପ୍ରୟାସରେ ସମ୍ପତ୍ତିଗତ ଲୁଟ୍ ଅପରାଧରେ ମୋଟ ୯୮ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଛି। ଏମାନଙ୍କ ମଧ୍ୟରୁ ୪୦ଜଣ ଅଭିଯୁକ୍ତ ଜେଲରୁ ରିମାଣ୍ଡ ହୋଇଛନ୍ତି। ଏଥିସହ ୧୨ଜଣ ଅଭ୍ୟାସଗତ ଅପରାଧୀଙ୍କ ବିରୋଧରେ ସିଆର୍‌ପିସି ଧାରା-୧୧୦ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ତେବେ ଚୋରି ବା ଲୁଟ୍ ହୋଇଥିବା ମୋଟ ୧ଲକ୍ଷ ୨୦ ହଜାର ୫୬୦ ଟଙ୍କା ଓ ବିଭିନ୍ନ ବ୍ରାଣ୍ଡର ୯୯ ମୋବାଇଲ ଫୋନ୍, ୪ ଲାପ୍‌ଟପ୍ ଓ ୫ ବ୍ୟାଟେରି ଜବତ କରାଯାଇଛି। ଗାଡି ଚୋରି ମାମଲାର ତଦନ୍ତ ସମୟରେ ୪୩ଟି ୨ ଚକିଆ, ୩ ଚକିଆ ଓ ୪ ଚକିଆ ଗାଡି ଜବତ କରାଯାଇଥିବା କମିଶନରେଟ ପୋଲିସ ସୂଚନା ଦେଇଛି। ସେହିପରି ଏପ୍ରିଲରେ ବିଭିନ୍ନ ଥାନାରେ ୧୧ ନିଶା କାରବାର ମାମଲା ରୁଜୁ ହୋଇଥିବାବେଳେ ୧୧ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ସେମାନଙ୍କଠାରୁ ୩୦ କେଜି ୯୦୦ ଗ୍ରାମର ଗଞ୍ଜେଇ କରାଯାଇଛି। ଲୋକେ ମୋବାଇଲ ଫୋନ, ଗାଡ଼ି ଓ ସୁନା ଗହଣା ଚୋରି ତଥା ନିଶା କାରବାର ବିଷୟରେ ସୂଚନା ପ୍ରଦାନ ନିମନ୍ତେ ଭୁବନେଶ୍ୱର ସହରାଞ୍ଚଳ ପୋଲିସ ତରଫରୁ ଏକ ହ୍ୱାଟ୍‌ସ୍‌ଆପ୍ ନଂ. ୭୦୭୭୭୯୮୧୧୧ ଜାରି କରାଯାଇଛି।

## ବେଆଇନ ନିର୍ମାଣ ଭାଙ୍ଗିଲା ପ୍ରଶାସନ

**ବାଲିପାଟଣା,୪।୫(ଡି.ଏନ୍.ଏ.)**

ଗିରିଙ୍ଗ ମାଇନର ଉପରେ ହୋଇଥିବା ବେଆଇନ ପଥର ଚାଳିଆ ନିର୍ମାଣକୁ ମଙ୍ଗଳବାର ବାଲିପାଟଣା ଜଳ ସମ୍ପଦ ବିଭାଗ ଅଧିକାରୀ ଓ ତହସିଲଦାର ମୃତ୍ୟୁଞ୍ଜୟ ତ୍ରିପାଠୀ ପୋଲିସ ଉପସ୍ଥିତିରେ ଜେସିବି ଲଗାଇ ଭାଙ୍ଗି ଦେଇଛନ୍ତି। ଖବରରୁ ପ୍ରକାଶ, ଗିରିଙ୍ଗ ମାଇନରର ସାରିପୁର-ରାଜସ୍ୱ ସଂଲଗ୍ନ ବାଗ୍‌ଦେବୀ ବିଦ୍ୟାମନ୍ଦିର ନିକଟ କେନାଲ ବନ୍ଧ ଉପରେ ଦୀର୍ଘଦିନ ଧରି ଜଣେ ବିଭାଗୀୟ କର୍ମଚାରୀ ପଥର କାନ୍ଥ ନିର୍ମିତ ଚାଳିଆ ଘର କରି ରାସ୍ତା ଅବରୋଧ କରିଥିଲେ। ଏ ବାବଦରେ ବାଲିପାଟଣା ଜଳସମ୍ପଦ ଅଧିକାରୀଙ୍କୁ ଲିଖିତ ଅଭିଯୋଗ କରାଯାଇଥିଲା। ମାତ୍ର ବାରମ୍ବାର ନୋଟିସ କରିବା ସତ୍ତ୍ୱେ ବି କିଛି ସୁଫଳ ମିଳିପାରି ନ ଥିଲା। ଏନେଇ ବିଭାଗୀୟ ଅଧିକାରୀ ତହସିଲଦାରଙ୍କ ଦୃଷ୍ଟିଗୋଚର କରିଥିଲେ। ତହସିଲ ପ୍ରଶାସନ ଉକ୍ତ ବ୍ୟକ୍ତିଙ୍କୁ ନୋଟିସ୍ ଜାରି କରି ପୋଲିସ ସହାୟତାରେ ବେଆଇନ ନିର୍ମାଣକୁ ଜେସବି ଲଗାଇ ଭାଙ୍ଗି ଦେଇଛନ୍ତି।

## ଶ୍ରୀଲିଙ୍ଗରାଜ ମନ୍ଦିର ପାର୍ଶ୍ୱରେ ଆବର୍ଜନା

**ପୁରୁଣା ଭୁବନେଶ୍ୱର,୪।୫(ଡି.ଏନ୍.ଏ.)**



ମନ୍ଦିର ପାଚେରି ପରିସରରେ ପଡିଛି ମଦବୋତଲ।

ସ୍ୱଚ୍ଛ ଭାରତର ଅସ୍ୱଚ୍ଛ ଚିତ୍ର। ଏହି ଅସ୍ୱଚ୍ଛତାର ଚିତ୍ର ଶ୍ରୀଲିଙ୍ଗରାଜ ମନ୍ଦିରର ବାହାର ପ୍ରାଚୀର ପାର୍ଶ୍ୱରେ ଦେଖିବାକୁ ମିଳିଛି। ସିଂହଦ୍ୱାର ଓ ଜୋଡାଷ୍ଟାଣ୍ଡ ନିକଟରେ ରହିଥିବା ପାଚେରି କଡ଼ରେ ଅସାମାଜିକ ବ୍ୟକ୍ତିବିଶେଷଙ୍କ ମଳତ୍ୟାଗ କରିବାଠାରୁ ଆରମ୍ଭ କରି ଆଖପାଖରେ ବସି ମଦ୍ୟପାନ କରି ପାଚେରି କଡ଼କୁ ମଦବୋତଲ ଫିଙ୍ଗିବା ଏବଂ ପାଦ ପ୍ରକ୍ଷାଳନ ପ୍ରକଳ୍ପ ପାର୍ଶ୍ୱରେ ପରିସ୍ରା କରିବା ଯାହା ସମ୍ପୂର୍ଣ୍ଣ ପରିବେଶକୁ ବିଗାଡ଼ି ଦେଇଛି। ମନ୍ଦିର ଚତୁଃପାର୍ଶ୍ୱରେ ପୋଲିସ ପଇଁତରା ମାରୁଥିଲେ ମଧ୍ୟ ଏସବୁ ପ୍ରତି ଦୃଷ୍ଟି ନ ପଡ଼ିବାକୁ ନେଇ ଚିନ୍ତାପ୍ରକଟ କରିଛନ୍ତି ସାମାଜିକ କର୍ମୀ ତଥା ପରିବେଶବିତ୍ ସୁଶାନ୍ତ ସାହୁ। ପବିତ୍ରତାକୁ ବିଗାଡୁଥିବା ଅସାମାଜିକ ବ୍ୟକ୍ତିବିଶେଷଙ୍କ ପାଇଁ କଡ଼ା କାର୍ଯ୍ୟାନୁଷ୍ଠାନ ସହ ସିସିଟିଭି ପରିସର ଭିତରେ ଅଞ୍ଚଳଟିକୁ ନିଆଯାଉ ବୋଲି ସେ ଦାବି କରିଛନ୍ତି। ମନ୍ଦିରର ସୁରକ୍ଷା ପାଇଁ ପ୍ରତିଟି ନାଗରିକ ଯତ୍ନବାନ ହେବା ସହ ମନ୍ଦିର ପ୍ରଶାସନ, ସେବାୟତ ଏବଂ ସ୍ଥାନୀୟ ବାସିନ୍ଦାଙ୍କ ସହଯୋଗ ନିତାନ୍ତ ଜରୁରୀ ବୋଲି ପରିବେଶବିତ ସାହୁ କହିଛନ୍ତି।

## କପିଳେଶ୍ୱରଙ୍କ ପୀଠରେ ଚନ୍ଦନଯାତ୍ରା ଆରମ୍ଭ

**ନିରାକାରପୁର,୪।୫(ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ଡିଆ ପଞ୍ଚାୟତ ବିଜେଡିଆ ଠାରେ ଥିବା ଶ୍ରୀ ଶ୍ରୀ କପିଳେଶ୍ୱର ଦେବଙ୍କ ପବିତ୍ର ପୀଠରେ ଚନ୍ଦନ ଯାତ୍ରା ପର୍ବ ଆରମ୍ଭ ହୋଇଯାଇଛି। ଏହି ଅବସରରେ କପିଳେଶ୍ୱର ଦେବ ଓ ମାତା ପାର୍ବତୀଙ୍କୁ ସକାଳୁ କର୍ପୂର, ଅଙ୍ଗୁର, ଚୁଆ, ଚନ୍ଦନ ମିଶ୍ରିତ ଜଳରେ ଶ୍ରୀଜୀଉମାନଙ୍କୁ ସ୍ନାନ କରାଯାଇ ନୂତନ ବସ୍ତ୍ର ପିନ୍ଧା ଯାଇଥିଲା। ପରେ ଧୂପ ଆଳତି କରାଯାଇ ଶ୍ରୀଜୀଉମାନଙ୍କୁ ମନ୍ଦିର ବେଢ଼ା ପରିକ୍ରମା କରାଯାଇ ଚନ୍ଦନ ଗୃହରେ ପ୍ରବେଶ କରାଯାଇଥିଲା। ଏହା ଯାତ୍ରା ପ୍ରାୟ ୨୧ ଦିନ ଧରି ଚାଲୁରହିବ ବୋଲି କିଶୋର କୁମାର ଦାଶ, ମାନସ ଚନ୍ଦ୍ର ପଟ୍ଟନାୟକ ଓ ସାରଙ୍ଗଧର ମହାପାତ୍ର ପ୍ରମୁଖ ଠାକୁରଙ୍କ ଟ୍ରଷ୍ଟ ସଭ୍ୟ ସୂଚନା ଦେଇଛନ୍ତି ।



କପିଳେଶ୍ୱରଙ୍କ ପୀଠରେ ଚନ୍ଦନଯାତ୍ରା ପାଇଁ ଠାକୁରଙ୍କୁ ପରିକ୍ରମା କରାଯାଉଛି।

## ଡେପୁଟି ମେୟରଙ୍କୁ ଦାବିପତ୍ର ପ୍ରଦାନ

**ଯାଁଳା,୪।୫(ଡି.ଏନ୍.ଏ.)**

ସାମପୁର ସାଇ ନଗର ଡେଭଲପମେଣ୍ଟ ସୋସାଇଟି ପକ୍ଷରୁ ଯାଁଳା ଅଞ୍ଚଳରେ ୨୨ନମ୍ବର ୱାର୍ଡ କର୍ପୋରେଟର ତଥା ଭୁବନେଶ୍ୱର ମହାନଗର ନିଗମ ଡେପୁଟି ମେୟର ମଞ୍ଜୁଲତା କଁଅରଙ୍କୁ ଭବ୍ୟ ସ୍ୱାଗତ ଓ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ପରିପ୍ରେକ୍ଷୀରେ ଏକ ସାଧାରଣ ସଭାର ଆୟୋଜନ କରାଯାଇଥିଲା। ସଭାରେ ପୂର୍ବତନ କର୍ପୋରେଟର ହରେକୃଷ୍ଣ ନାଏକ, ଯୁବ ସଂଗଠକ ମାଧବ ସାହୁ ଓ ସୁଶାନ୍ତ ସାହୁ ଯୋଗଦେଇଥିଲେ। ସୋସାଇଟି ସଭାପତି ରାଜକିଶୋର ମହାରଣା ଓ ସମ୍ପାଦକ ପୁଷ୍ପାଞ୍ଜଳି ଆଚାର୍ଯ୍ୟ, ଭରତ ଚନ୍ଦ୍ର ଦାସ, ନରେଶ ପଣ୍ଡା, ଶାନ୍ତି ସ୍ୱରୂପ ରଥଙ୍କ ସହ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ। ସାଇ ନଗରର ସଭାପତି ଓ ସମ୍ପାଦିକା ଉକ୍ତ ଅଞ୍ଚଳର ସମସ୍ୟା ବିଷୟରେ ଡେପୁଟି ମେୟରଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଉକ୍ତ ଅଞ୍ଚଳର ଦୁଇଟି ପ୍ରମୁଖ ସମସ୍ୟା ହେଲା ରାସ୍ତାଘାଟର ଉନ୍ନତୀକରଣ ଓ ଡ୍ରେନେଜ ବ୍ୟବସ୍ଥା ଉପରେ ଗୁରୁତ୍ୱ ଦେବାକୁ ଅନୁରୋଧ କରାଯାଇଥିଲା। ଏ ସବୁ ସମସ୍ୟାର ସ୍ଥାୟୀ ସମାଧାନ ଦିଗରେ ତୁରନ୍ତ ପଦକ୍ଷେପ ନିଆଯିବ ବୋଲି ଡେପୁଟି ମେୟର କଁଅର ପ୍ରତିଶ୍ରୁତି ଦେଇଥିଲେ।

## କିଷାନ ସଂଘର ପଞ୍ଚାୟତସ୍ତରୀୟ ବୈଠକ

**ଖୋର୍ଦ୍ଧା ଅଫିସ,୪।୫**

ଭାରତୀୟ କିଷାନ ସଂଘ ଓଡ଼ିଶାର ଖୋର୍ଦ୍ଧା ଜିଲା ଶାଖା ପକ୍ଷରୁ ପଞ୍ଚାୟତସ୍ତରୀୟ ବୈଠକ ସିମୋରଠାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ସଂଘର ରାଜ୍ୟ ସମ୍ପାଦକ ଗଗନ ବିହାରୀ ପ୍ରତିହାରୀ, ଖୋର୍ଦ୍ଧା କୃଷକ ଉତ୍ପାଦକ କମ୍ପାନୀ ଅଧ୍ୟକ୍ଷ ମଧୁସୂଦନ ଦାସ, ଜିଲା କାର୍ଯ୍ୟକାରିଣୀ ସଦସ୍ୟ ଗୌରୀଶଙ୍କର ତ୍ରିପାଠୀ, ସଂଘ ଜିଲା ଉପଦେଷ୍ଟା ବୈକୁଣ୍ଠନାଥ ମହାପାତ୍ର, ସିମୋର ପଞ୍ଚାୟତ ଗ୍ରୁପ ସଭାପତି ପ୍ରଦ୍ୟୁମ୍ନ ରଞ୍ଜନ ଚୌଧୁରୀ, ସଂଯୋଜକ ପ୍ରଦୀପ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। କୃଷି ଓ କୃଷକର ବିକାଶ ଉପରେ ଗୁରୁତ୍ୱ ଦେବାକୁ ଅତିଥିମାନେ ମତପ୍ରକାଶ କରିଛନ୍ତି। କୃଷକ ଦେଶର ଆର୍ଥିକ ମେରୁଦଣ୍ଡ। କୃଷକ ସମାଜ ଆତ୍ମନିର୍ଭରଶୀଳ ହେଲେ ଦେଶର ସମୃଦ୍ଧି ଘଟିବ। ଆଧୁନିକ ଜ୍ଞାନକୌଶଳ ଓ ପାରମ୍ପରିକ ପଦ୍ଧତିରେ ଚାଷ ପାଇଁ କୃଷକମାନଙ୍କୁ ଉତ୍ସାହିତ କରିବା ସହ ସେମାନଙ୍କ ଉତ୍ପାଦିତ ଫସଲର ବଜାର ବ୍ୟବସ୍ଥା ଉପରେ ଆଲୋଚନା କରାଯାଇଥିଲା।




ବୈଠକରେ ଯୋଗଦେବାକୁ ଆସିଥିବା ଖୋର୍ଦ୍ଧା ଜିଲା ଭାରତୀୟ କିଷାନ ସଂଘର ସଦସ୍ୟ।

# ଏଲ୍‌ଆଇସିର ଘରୋଇକରଣକୁ ବିରୋଧ

**ଖୋର୍ଦ୍ଧା ଅଫିସ,୪।୫**

ଭାରତୀୟ ଜୀବନ ବୀମା ନିଗମ (ଏଲ୍‌ଆଇସି)କୁ ଘରୋଇକରଣ ପ୍ରତିବାଦରେ ସିପିଆଇ(ଏମ୍) ଓ ସିଆଇଟିୟୁର ମିଳିତ ଆନୁକୂଲ୍ୟରେ ଖୋର୍ଦ୍ଧାସ୍ଥିତ ଏଲଆଇସି କାର୍ଯ୍ୟାଳୟ ସମ୍ମୁଖରେ ବୁଧବାର ବିକ୍ଷୋଭ କରାଯାଇଥିଲା। ଏହି ଲାଭଦାୟକ ସଂସ୍ଥାର ଘରୋଇକରଣ ଜନ ବିରୋଧୀ। ୧୯୫୬ ମସିହାରେ ତତ୍କାଳୀନ କେନ୍ଦ୍ର ସରକାର ଏଲ୍‌ଆଇସି ପାଇଁ ୫କୋଟି ଟଙ୍କା ବିନିଯୋଗ କରିଥିଲେ। ବର୍ତ୍ତମାନ ଏହାର ସମ୍ପତ୍ତି ୩୮ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି। ଏହା ଦେଶର ଏକ ବୃହତ୍ ଜାତୀୟ ସମ୍ପତ୍ତିରେ ପରିଣତ ହୋଇଛି। ତେବେ ବର୍ତ୍ତମାନ ଉକ୍ତ କମ୍ପାନୀକୁ ଏକ ଘରୋଇ ସଂସ୍ଥା ହାତକୁ ଟେକି ଦେବା ରାଷ୍ଟ୍ର ବିରୋଧୀ କାର୍ଯ୍ୟ ହେବ ବୋଲି ବିକ୍ଷୋଭକାରୀମାନେ କହିଛନ୍ତି। ତେଣୁ ଏହାକୁ ବିରୋଧ କରି ବିକ୍ଷୋଭକାରୀମାନେ କେନ୍ଦ୍ର ସରକାରଙ୍କ ଉଦ୍ଦେଶ୍ୟରେ ଶାଖା ମ୍ୟାନେଜରଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ବିକ୍ଷୋଭରେ ସିପିଆଇଏମ୍‌ର ଜିଲା ସମ୍ପାଦକ ଅନନ୍ତ ମଙ୍ଗରାଜ, ସିଆଇଟିୟୁ ସଭାପତି ଗିରିଶ ଚନ୍ଦ୍ର ମହାରଣା, ସମ୍ପାଦକ କୈଳାସ ବଳିଆରସିଂହ, ସାରଙ୍ଗଧର ବେହେରା, କିଶୋର ଚନ୍ଦ୍ର ପରମଗୁରୁ, ଶଙ୍କର୍ଷଣ ପ୍ରଧାନଙ୍କ ସମେତ ବହୁ କର୍ମୀ ସାମିଲ ହୋଇଥିଲେ।




ଏଲ୍‌ଆଇସି ଘରୋଇକରଣ ବିରୋଧରେ ସିପିଆଇ(ଏମ୍) ଓ ସିଆଇଟିୟୁର ସଦସ୍ୟଙ୍କ ଖୋର୍ଦ୍ଧାସ୍ଥିତ ଏଲ୍‌ଆଇସି କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ।

## ସଂକ୍ଷେପରେ

### ଜିଲା ପ୍ରକଳ୍ପ ନିର୍ଦ୍ଦେଶକଙ୍କ ସମୀକ୍ଷା ବୈଠକ

**କୃଷ୍ଣପ୍ରସାଦ,୪।୫ (ଡି.ଏନ୍.ଏ.):** କୃଷ୍ଣପ୍ରସାଦ ବ୍ଲକ କାର୍ଯ୍ୟାଳୟ ସଭାଗୃହରେ ବୁଧବାର ଜିଲା ପ୍ରକଳ୍ପ ନିର୍ଦ୍ଦେଶକଙ୍କ ଏକ ସମୀକ୍ଷା ବୈଠକ ହୋଇଯାଇଛି। ଏଥିରେ ବ୍ଲକ ଅଧ୍ୟକ୍ଷା ସରୋଜିନୀ ତରେଇ ଅଧ୍ୟକ୍ଷତା କରିଥିଲେ। ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ଜ୍ୟୋତିଶଙ୍କର ମହାପାତ୍ର ଯୋଗଦେଇ ନିର୍ବାଚିତ ପ୍ରତିନିଧିମାନଙ୍କୁ ସେମାନଙ୍କ କାର୍ଯ୍ୟ ସମ୍ପର୍କରେ କହିଥିଲେ। ପୁରୀ ଜିଲାରେ ମୋଟ ୨୫୯୯ଟି ଅଙ୍ଗନୱାଡି କେନ୍ଦ୍ର ରହିଥିବାବେଳେ ସେଥିମଧ୍ୟରୁ ୧୧୬୨ଟି ନିଜସ୍ୱ ଗୃହ ରହିଛି। ଅବଶିଷ୍ଟ ୧୪୩୭ଟି ଅଙ୍ଗନୱାଡି କେନ୍ଦ୍ରର ନିଜସ୍ୱ ଗୃହ ନାହିଁ। ତେଣୁ ଖୁବ୍‌ଶୀଘ୍ର ସେହି ସବୁ କେନ୍ଦ୍ରଗୁଡିକର ଗୃହ ନିର୍ମାଣ କାର୍ଯ୍ୟ ଖୁବ୍ ଶୀଘ୍ର ଆରମ୍ଭ ହେବ ବୋଲି ମହାପାତ୍ର କହିଥିଲେ।

### ସିପିଏମ୍ ପକ୍ଷରୁ ବିକ୍ଷୋଭ

**ପୁରୀ ଅଫିସ, ୪।୫:** କେନ୍ଦ୍ର ସରକାରଙ୍କ ଏଲ୍‌ଆଇସିର ଘରୋଇକରଣ ଏବଂ ଆଇପିଓ ବିକ୍ରି ନିଷ୍ପତ୍ତିକୁ ସିପିଆଇଏମ୍ ପୁରୀ ଶାଖା ବିରୋଧ କରିଛି। ଏହି ନିଷ୍ପତ୍ତି ପ୍ରତିବାଦରେ ସିପିଆଇଏମ୍ ପୁରୀ ଶାଖା ପକ୍ଷରୁ ବୁଧବାର ସ୍ଥାନୀୟ ଏଲ୍‌ଆଇସି କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଦଳ ଅଭିଯୋଗ କରିଛି ଯେ, ଦେଶର ଲାଭଦାୟକ ସଂସ୍ଥା ଏଲ୍‌ଆଇସିକୁ କେନ୍ଦ୍ର ସରକାର ବିକିବା ଆରମ୍ଭ କରିଛନ୍ତି। କେନ୍ଦ୍ର ସରକାର ଦେଶର ସମ୍ପଦକୁ ଶାଗ ମାଛ ଦରରେ ବିକି ଦେଉଛନ୍ତି। କର୍ପୋରେଟ ହାତରେ ଖଣି, ପାଣି, ବ୍ୟାଙ୍କ ଓ ବୀମା ସଂସ୍ଥାକୁ ବିକ୍ରି କରାଯିବା ଦ୍ୱାରା ଏବେ ଦେଶରେ ନିଯୁକ୍ତି ଘର ଶୂନ ହୋଇପଡ଼ିଛି। ଆତ୍ମନିର୍ଭର ଭାରତ ବିଦେଶୀ ବହୁଜାତୀୟ ପୁଞ୍ଜିପତି ହାତରେ ବନ୍ଧା ପଡ଼ିଲାଣି ବୋଲି ସିପିଏମ୍ ଅଭିଯୋଗ କରିଛି। ବିକ୍ଷୋଭରେ ଶରତ କୁମାର ରାୟଗୁରୁ, ଜଗନ୍ନାଥ ଦେଓ, ମନୋରଞ୍ଜନ ମହାରଣା, ପୂର୍ଣ୍ଣ ବିଶ୍ୱାଳ, ଦେବ ସାହୁ, ବାହନ ପରିଡ଼ା ଏବଂ ବାଳକୃଷ୍ଣ ବେହେରା ପ୍ରମୁଖ ସାମିଲ ଥିଲେ।

### ଔଷଧ ଆବିଷ୍କାର ସଂକ୍ରାନ୍ତ ଆଲୋଚନାଚକ୍ର

**ପୁରୀ ଅଫିସ, ୪।୫:** ବାଲିଗୁଆଲିସ୍ଥିତ କଲେଜ ଅଫ୍ ଫାର୍ମାସ୍ୟୁଟିକାଲ ସାଇନ୍ସେସରେ ବୁଧବାର 'ଔଷଧ ଆବିଷ୍କାରରେ ଫାର୍ମାକୋକିନେଟିକ୍ସ ଆହ୍ୱାନ' (ଫାର୍ମାକୋକିନେଟିକ୍ସ ଚ୍ୟାଲେଞ୍ଜସ ଇନ୍ ଡ୍ରଗ୍ ଡିସ୍କଭରି) ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ କଲେଜର ଅଧ୍ୟକ୍ଷ ପ୍ରଫେସର ଡ. ଅମୀୟକାନ୍ତ ମିଶ୍ର ଅଧ୍ୟକ୍ଷତା କରିଥିଲେ। ଅତିଥି ଭାବେ କୋଲକାତା ଯାଦବପୁର ବିଶ୍ୱବିଦ୍ୟାଳୟର ପ୍ରାଧ୍ୟାପକ ତଥା ଫାର୍ମାସ୍ୟୁଟିକାଲ ଟେକ୍ନୋଲୋଜି ବିଭାଗର ପୂର୍ବତନ ମୁଖ୍ୟ ଡ. ବିଶ୍ୱଜିତ୍ ମୁଖାର୍ଜୀ ଯୋଗଦେଇ ଔଷଧ ଆବିଷ୍କାର ନିମନ୍ତେ ଫାର୍ମାକୋକିନେଟିକ୍ସର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଅନ୍ୟତମ ଅତିଥି ଭାବେମ ଭୁବନେଶ୍ୱରସ୍ଥିତ ସେଞ୍ଚୁରିଅନ ୟୁନିଭର୍ସିଟିର ସ୍କୁଲ ଅଫ ଫାର୍ମାସୀ ଆଣ୍ଡ ଲାଇଫ୍ ସାଇନ୍ସ ବିଭାଗର ଅଧ୍ୟକ୍ଷ ଡ. ଗୁରୁଦତ୍ତ ପଟ୍ଟନାୟକ ଯୋଗଦେଇ ଲିଡ୍ ମଲିକ୍ୟୁଲର ଉପାଦେୟତା ସମ୍ପର୍କରେ ବର୍ଣ୍ଣନା କରିଥିଲେ। ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା କଲେଜର ତ୍ରୟମାସିକ ପତ୍ରିକା 'ସିପିଏସ୍ ନ୍ୟୁ ଲେଟ୍' ଉନ୍ମୋଚନ କରାଯାଇଥିଲା। ଅଧାପକ ଚିନ୍ମୟ କେଶରୀ ସାହୁ ସଭା ପରିଚାଳନା ଏବଂ ଅଧାପକ ଡ. ସଞ୍ଜୟ ନାୟକ, ବସନ୍ତ ବେହେରା, ଅମରେଶ ପୃଷ୍ଟି, ଅଧାପିକା ସୁନିତା ମିଶ୍ର, ରାଜଶ୍ରୀ ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ। ଅଧାପକ ଡ. ନିକୁଞ୍ଜ କିଶୋର ମିଶ୍ର ଧନ୍ୟବାଦ ଦେଇଥିଲେ।

# ଚାପ ଖେଳିପାରିଲେନି ଅଲାରନାଥ





**ବ୍ରହ୍ମଗିରି,୪।୫(ଡି.ଏନ୍.ଏ.)**

ଅକ୍ଷୟ ତୃତୀୟାଠାରୁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଭଳି ଠାକୁର ଅଲାରନାଥଙ୍କ ଚାପଖେଳ ବା ଚନ୍ଦନଯାତ୍ରା ଆରମ୍ଭ ହୋଇଥାଏ। କିନ୍ତୁ ଚଳିତବର୍ଷ ଅଲାରନାଥ ପୀଠର ଚନ୍ଦନଯାତ୍ରାରେ ଆରମ୍ଭରୁ ବିଭ୍ରାଟ ଦେଖାଦେଇଛି। ବିମାନ ବଡୁ ସେବକଙ୍କ ମନମୁଖି କାର୍ଯ୍ୟ ଯୋଗୁ ଯାତ୍ରାର ପ୍ରଥମଦିନରେ ଠାକୁର ଅଲାରନାଥ ଚାପ ଖେଳିପାରି ନାହାନ୍ତି। କେବଳ ବିଧି ଅନୁଯାୟୀ ମଧ୍ୟରାତ୍ରିରେ ଠାକୁରଙ୍କୁ ଜଳ ଛୁଆଁଇ ନୀତି ସମ୍ପନ୍ନ କରାଯାଇଥିଲା। ଫଳରେ ମହାପ୍ରଭୁଙ୍କ ଠିକ୍ ସମୟରେ ପହୁଡ଼ ନୀତି ହୋଇପାରି ନ ଥିଲା। ଏହି କଥା ପ୍ରଚାର ହେବା ପରେ ଭକ୍ତଙ୍କ ଗହଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ନେଇ ବୁଧବାର ତହସିଲଦାର, ମନ୍ଦିର ପରିଚାଳନା କମିଟି ଓ ବିମାନବଡୁ ସେବକଙ୍କ ମଧ୍ୟରେ ଆଲୋଚନା ହେବା ପରେ ଚାପ ଖେଳ ହୋଇଥିଲା। ମିଳିଥିବା ସୂଚନା ଅନୁଯାୟୀ, ମଙ୍ଗଳବାର ଅକ୍ଷୟ ତୃତୀୟା ଦିନ ଶ୍ରୀକ୍ଷେତ୍ର ନୀତି ଅନୁଯାୟୀ ଅଲାରନାଥଙ୍କ ଚାପଖେଳ ହୋଇଥାଏ। ଏ ନେଇ ଦିନରେ ମନ୍ଦିରର ସମସ୍ତ ପ୍ରସ୍ତୁତି ସରିଥିଲା। ହେଲେ ଠିକ୍ ଠାକୁରଙ୍କୁ ବିମାନକୁ ନେବା ସମୟରେ ବିମାନ ବଡୁ ସେବକଙ୍କ ମଧ୍ୟରେ ବିବାଦ ଦେଖାଦେଇଥିଲା। ସେବକଙ୍କ ମଧ୍ୟରେ କିଏ କେଉଁପଟେ ବିମାନ କାନ୍ଧେଇବ ସେହି କଥାକୁ ନେଇ ଯୁକ୍ତିତର୍କ ଚାଲିଥିଲା। ଫଳରେ ନୀତି ଅନୁଯାୟୀ ଅପରାହ୍ନ ୪ଟାରେ ଠାକୁର ଚନ୍ଦନ ପୋଖରୀରେ ବିଜେ କରିପାରି ନ ଥିଲେ। ଏହି ବିବାଦର

**ଚନ୍ଦନଯାତ୍ରାରେ ବିଭ୍ରାଟ**

- ବିମାନ କାନ୍ଧେଇବାକୁ ନେଇ ସେବକଙ୍କ ମଧ୍ୟରେ ଯୁକ୍ତିତର୍କ
- ରାତି ସାରା ଅନିଦ୍ରା ରହିଲେ ଠାକୁର

ସମାଧାନ ହେବାବେଳକୁ ରାତି ପ୍ରାୟ ୯ଟା ହୋଇଯାଇଥିଲା। ହେଲେ ଠିକ୍ ଏହି ସମୟରେ ହଠାତ୍ କାଳବୈଶାଖୀର ତାଣ୍ଡବ ଦେଖାଦେଇଥିଲା। ଫଳରେ ଠାକୁରଙ୍କୁ ରାତ୍ର ପର୍ଯ୍ୟନ୍ତ ଚନ୍ଦନ ଚକଡା ଓ ଚନ୍ଦନ ପୋଖରୀକୁ ନିଆଯାଇପାରି ନ ଥିଲା। ପରେ ବର୍ଷା କମିବାରୁ ମଧ୍ୟ ରାତି ପ୍ରାୟ ୧ଟାରେ ଠାକୁରଙ୍କୁ ନେଇ ଚନ୍ଦନ ପୋଖରୀରେ ପାଣି ଛୁଆଁଇ ନୀତି ସମ୍ପନ୍ନ କରାଯାଇଥିଲା। ନିର୍ଦ୍ଦିଷ୍ଟ ସମୟରେ ଠାକୁରଙ୍କ ପହଡ଼ ପଡ଼ି ନ ଥିବା ନେଇ ମନ୍ଦିରର ବରିଷ୍ଠ ସେବାୟତ ନାରାୟଣ ପୂଜାପଣ୍ଡା ଦୁଃଖ ପ୍ରକାଶ କରିଛନ୍ତି। ଏହି ବିଭ୍ରାଟକୁ ନେଇ ବୁଧବାର ପ୍ରଶାସନିକ ଏବଂ ମନ୍ଦିର ସେବକଙ୍କ ମଧ୍ୟରେ ଏକ ବୈଠକ ହୋଇ ନିଷ୍ପତ୍ତି ହେବା ପରେ ଶ୍ରୀଜୀଉ ଚାପ ଖେଳିଥିଲେ।




ପୁରୀ ଏଲଆଇସି କାର୍ଯ୍ୟାଳୟ ସମ୍ମୁଖରେ ବୁଧବାର ସିପିଆଇଏମ୍ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି।

## ରଥଖଳାରୁ

# ପ୍ରଥମ ଦିନରେ ତିନିରଥ ତୁମ୍ବ କାମ ଆରମ୍ଭ



**ପୁରୀ ଅଫିସ, ୪।୫**

ପବିତ୍ର ଅକ୍ଷୟ ତୃତୀୟାରେ ତିନିରଥ ନିର୍ମାଣ କାର୍ଯ୍ୟ ଅନୁକୂଳ ହେବା ପରେ ବୁଧବାରଠାରୁ ଶ୍ରୀନଅର ସମ୍ମୁଖସ୍ଥ ଅସ୍ଥାୟୀ ରଥଖଳାରେ ବିଧିବଦ୍ଧ ଭାବେ ରଥକାର୍ଯ୍ୟ ଆରମ୍ଭ ହୋଇଛି। ପରମ୍ପରା ଅନୁଯାୟୀ, ପ୍ରଥମ ଦିନରେ ତିନିରଥର ତୁମ୍ବ କାର୍ଯ୍ୟ ନିର୍ମାଣ ଆରମ୍ଭ କରାଯାଇଛି। ରଥଖଳାରେ ମହାରଣା, କରତିଆ ଓ ଭୋଇ ସେବାୟତମାନେ ପହଞ୍ଚିଛନ୍ତି। ତିନିରଥର ୧୦ଜଣ ମହାରଣା, ୮ଜଣ ଭୋଇସେବକ, ୪ଜଣ କରତି ସେବକ, ଜଣେ ପାହି ମହାରଣା, ୬ ଜଣ ଓଝା ବା କମାର ସେବକ, ଜଣେ ରଥଖଳା ସହାୟକ ଏଭଳି ମୋଟ ୩୦ ଜଣ ରଥ ନିର୍ମାଣରେ ନିୟୋଜିତ ହୋଇଛନ୍ତି। ନନ୍ଦିଘୋଷ ରଥ ଓ ତାଳଧ୍ୱଜ ରଥର ତୁମ୍ବ ସାଇଜ ୨ଫୁଟ ୮ଇଞ୍ଚ ରହୁଥିବା ବେଳେ ମା' ସୁଭଦ୍ରାଙ୍କ ରଥ ତୁମ୍ବର ମାପ ୩ଫୁଟ ରହିଥାଏ। ତୁମ୍ବକୁ ବାରିସିରେ ଗୋଲେଇ କରି ସମତୁଲ କଲାପରେ ବଳକା ଅଂଶକୁ କଟାଯାଇଥାଏ। ଅମିନ ମହାରଣା ତୁମ୍ବ ପାଇଁ ଆବଶ୍ୟକ ଫାସିକାଠରେ ଚିହ୍ନ ଦେବା ପରେ କରତି ସେବକ ତୁମ୍ବ କାଠ କାଟିଥିଲେ, ଯାହାକୁ ତିନିରଥର ମହାରଣାମାନେ ବାରିସିରେ ହାଣି ଗୋଲେଇ କରିବା କାର୍ଯ୍ୟ ଜାରି ରଖିଛନ୍ତି। ପରମ୍ପରା ଅନୁଯାୟୀ, ତିନିରଥ ପାଇଁ ଗୋଟିଏ ଲେଖାଏ ତୁମ୍ବ କଟାଯାଇଥିଲା। ତୁମ୍ବ କଟା ହେବା ପରେ ମହାରଣା ସେବାୟତମାନେ ସମ୍ପୃକ୍ତ ତିନିଟି ତୁମ୍ବକୁ ବାରିସି ସାହାଯ୍ୟରେ କାଟି ସାଇଜ କରିଛନ୍ତି ବୋଲି ନନ୍ଦିଘୋଷ ରଥର ମୁଖ୍ୟ ବିଶ୍ୱକର୍ମା ମହାରଣା ବିଜୟ ମହାପାତ୍ର ସୂଚନା ଦେଇଛନ୍ତି। ତେବେ ତିନିରଥ ପାଇଁ ୪୨ଟି ତୁମ୍ବ ନିର୍ମାଣ କରାଯିବ। ସେଥିମଧ୍ୟରୁ ବଡ଼ ବାଡ଼ ପ୍ରଭୁ ବଳଭଦ୍ରଙ୍କ ତାଳଧ୍ୱଜ ପାଇଁ ୧୪ଟି ତୁମ୍ବ, ମଝିବାଡ଼ ମା' ସୁଭଦ୍ରାଙ୍କ ଦେବଦଳନ ରଥ ପାଇଁ ୧୨ଟି ତୁମ୍ବ ଏବଂ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥ ପାଇଁ ୧୬ଟି ତୁମ୍ବ ନିର୍ମାଣ କରାଯିବ। ରଥଖଳା ଚାରିପାଖକୁ ଧଳା କପଡ଼ାରେ ଆଚ୍ଛାଦିତ କରାଯାଇଛି। ରଥ ନିର୍ମାଣ ବେଳେ ସେବାୟତମାନେ ଯେପରି କୌଣସି ଅସୁବିଧାର ସମ୍ମୁଖୀନ ନ ହେବେ ସେଥିପାଇଁ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି।

## ବ୍ଲକସ୍ତରୀୟ ସ୍ୱଚ୍ଛ ଭାରତ ମିଶନ କର୍ମଶାଳା ଉଦ୍‌ଘାଟିତ

**ନିମାପଡ଼ା,୪।୫(ଡି.ଏନ୍.ଏ.)**

ନିମାପଡ଼ା ବ୍ଲକ ସଭାକକ୍ଷରେ ଏକ ବ୍ଲକସ୍ତରୀୟ ସ୍ୱଚ୍ଛ ଭାରତ ମିଶନ(ଗ୍ରାମୀଣ) କର୍ମଶାଳା ବୁଧବାର ଅନୁଷ୍ଠିତ ହୋଇଥିଲା। ଏହି କର୍ମଶାଳାରେ ମୁଖ୍ୟ ଅତିଥି ଭାବେ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଯୋଗଦେଇ ଉଦ୍‌ଘାଟନ କରି ରାଜ୍ୟ ସରକାରଙ୍କ ଏହି ଯୋଜନା ଓ ବିଭିନ୍ନ କାର୍ଯ୍ୟକ୍ରମର ସଫଳ ରୂପାୟନ ଦିଗରେ ଗୁରୁତ୍ୱାରୋପ କରିଥିଲେ। ସମାରୋହରେ ସମ୍ମାନିତ ଅତିଥି ଭାବେ ବିଡିଓ ବସନ୍ତ କୁମାର ମଲ୍ଲିକ, ଅତିରିକ୍ତ ବିଡିଓ ପୂର୍ଣ୍ଣଚନ୍ଦ୍ର ସେଠୀ, ପଞ୍ଚାୟତ ସମିତି ଅଧ୍ୟକ୍ଷ ଶଙ୍କର ଭୋଇ, ଉପାଧ୍ୟକ୍ଷା ଅନସୂୟା ମହାନ୍ତି, ସ୍ୱଚ୍ଛ ଭାରତ ମିଶନର ଜିଲା ପରାମର୍ଶଦାତା(ଡିଏସ୍‌ସି) ଦୀପ୍ତିରଞ୍ଜନ ପ୍ରଧାନ, ଶ୍ୱେତସ୍ୱିନୀ ରାୟଗୁରୁ, ଟ୍ରେନର ଗୀତାଞ୍ଜଳି ସାହୁ ପ୍ରମୁଖ ଯୋଗଦେଇ କର୍ମଶାଳାର ଲକ୍ଷ୍ୟ ସମ୍ପର୍କରେ ଗୁରୁତ୍ୱାରୋପ କରିଥିଲେ। ବ୍ଲକର ପ୍ରତ୍ୟେକ ଗ୍ରାମକୁ ସ୍ୱଚ୍ଛ, ନିର୍ମଳ ରଖିବା, ତରଳ ଓ କଠିନ ବର୍ଜ୍ୟବସ୍ତୁର ସୁପରିଚାଳନା କରିବା, ଗ୍ରାମକୁ ବାହ୍ୟମଳମୁକ୍ତ କରିବା, ପ୍ରତି ପଞ୍ଚାୟତରେ ସ୍ୱଚ୍ଛ ଭାରତ ମିଶନ ପକ୍ଷରୁ ବର୍ଜ୍ୟବସ୍ତୁ ସେଲ ପ୍ରତିଷ୍ଠା କରିବା, ଗାଁରେ ସ୍ୱଚ୍ଛ ସମ୍ପର୍କରେ ସଚେତନ କରିବା ନେଇ ଅତିଥିମାନେ ଗୁରୁତ୍ୱାରୋପ କରିଥିଲେ। ସରକାରଙ୍କ ଏହି ଯୋଜନା, କାର୍ଯ୍ୟକ୍ରମର ସୁପରିଚାଳନା କରି ଏହି ଯୋଜନାର ସଫଳ ରୂପାୟନ ପାଇଁ ସମସ୍ତେ ଯତ୍ନବାନ ହେବାକୁ ବିଭାଗୀୟ ଅଧିକାରୀମାନେ ପରାମର୍ଶ ଦେଇଥିଲେ। ଏହି ସମାରୋହରେ ସମସ୍ତ ସରପଞ୍ଚ, ସମିତିସଭ୍ୟ, ଜିଲା ପରିଷଦ ସଭ୍ୟ, କନିଷ୍ଠ ଯନ୍ତ୍ରୀ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଆର୍‌ଏସ୍ ପ୍ରମୁଖ ଯୋଗାଇଦେଇଥିଲେ।

# ୫-ଟି ବିଦ୍ୟାଳୟ ରୂପାନ୍ତରଣରେ ଅବ୍ୟବସ୍ଥା

**କଣାସ,୪।୫(ସ୍ୱ.ପ୍ର)**

କଣାସ ବ୍ଲକରେ ୫-ଟି ବିଦ୍ୟାଳୟ ରୂପାନ୍ତରଣରେ ବ୍ୟାପକ ଅବ୍ୟବସ୍ଥା ସହ ଜାଲିଆତି ହୋଇଥିବା ନେଇ ଗ୍ରାମବାସୀ ଅଭିଯୋଗ କରି ତଦନ୍ତ ଦାବି କରିଛନ୍ତି। ତେବେ ରାଜ୍ୟ ସରକାର ଶିକ୍ଷାର ମାନ ବୃଦ୍ଧି କରିବା ସଙ୍ଗେ ସଙ୍ଗେ ବିଦ୍ୟାଳୟକୁ ସରସସୁନ୍ଦର କରିବା ପାଇଁ ଲକ୍ଷଲକ୍ଷ ଟଙ୍କା ୫-ଟି ବିଦ୍ୟାଳୟ ରୂପାନ୍ତରଣରେ ବ୍ୟୟ କରୁଛନ୍ତି। ଖବର ନେବାରୁ ଜଣାପଡିଛି, କଣାସ ବ୍ଲକ ଅଧୀନ ୧୨ଟି ବିଦ୍ୟାଳୟକୁ ୫-ଟି ବିଦ୍ୟାଳୟରେ ରୂପାନ୍ତରିତ କରିବା ପାଇଁ ରାଜ୍ୟ ସରକାର ଟଙ୍କା ଉକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଓ ପୁରାତନ ଛାତ୍ର ସଂସଦ ସଭାପତିଙ୍କ ନାମରେ ମିଳିତ ଆକାଉଣ୍ଟରେ ପଠାଇଥିଲେ। ବିଦ୍ୟାଳୟର କାର୍ଯ୍ୟ ପାଇଁ ଉକ୍ତ ଟଙ୍କାକୁ କଣାସ ବିଡିଓ ଲୋଚନ ଦାସଙ୍କୁ ଦିଆଯାଇଥିଲା। ପରେ ବିଦ୍ୟାଳୟର କାର୍ଯ୍ୟ ପାଇଁ କନିଷ୍ଠ ଯନ୍ତ୍ରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଯନ୍ତ୍ରୀମାନେ ବିଦ୍ୟାଳୟର ରୂପାନ୍ତରଣ ପାଇଁ ବିଭିନ୍ନ ଜିନିଷ ବିଡିଓ ଏବଂ କନିଷ୍ଠ ଯନ୍ତ୍ରୀ ମିଳିତ ଭାବେ କିଣିଥିଲେ। ମାତ୍ର ଏନେଇ ଉକ୍ତ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ଓ ସଭାପତିଙ୍କୁ ଜଣାଇ ନ ଥିବା ପ୍ରଧାନଶିକ୍ଷକ ଓ ସଭାପତି ଅଭିଯୋଗ କରିଛନ୍ତି। ୧୨ଟି ବିଦ୍ୟାଳୟରୁ ୪ଟି ବିଦ୍ୟାଳୟର ସମ୍ପୂର୍ଣ୍ଣ କାମ ହୋଇଥିବା ବିଡିଓ ପ୍ରକାଶ କରିଛନ୍ତି। ଏନେଇ ପଚାରି ବୁଝିବାରୁ ପ୍ରଧାନଶିକ୍ଷକ କହିଛନ୍ତି, ଆସିଥିବା ୪୫ଲକ୍ଷ ଟଙ୍କା ବିଡିଓଙ୍କୁ ହସ୍ତାନ୍ତର ହୋଇଥିଲା। କିନ୍ତୁ ବର୍ତ୍ତମାନ ସୁଦ୍ଧା କାମ ସମ୍ପୂର୍ଣ୍ଣ ହୋଇପାରି ନାହିଁ। ୪ଟି ବିଦ୍ୟାଳୟ ମଧ୍ୟରୁ ତ୍ରିଲୋଚନପୁର ବିଦ୍ୟାଳୟରେ ଚଟାଣ ଖାଲଢିପ ରହିଥିବା, ପ୍ରତ୍ୟେକ ପ୍ରବେଶ ରାସ୍ତାରେ ଗ୍ରିଲ ଲାଗିବା ପାଇଁ ଖାଲ ଖୋଳା ହୋଇଥିଲେ ମଧ୍ୟ ଗ୍ରିଲ ଲାଗି ନ ଥିବା, ଗୃହ ମଧ୍ୟରେ ଥିବା ପାଠାଗାର ଓ ବିଜ୍ଞାନାଗାର ପାଇଁ ଥିବା କାଚ ଆଲମିରାରେ ଲକ୍ ନ ଥିବା, ଖେଳପଡିଆ ଆଦୌ କାମ ହୋଇ ନ ଥିବା, ବିଦ୍ୟାଳୟ ପରିସରରେ ବିଛାଯାଇଥିବା ଟାଇଲ ଉପରେ ଘାସ ଉଠିଯାଇଥିବା, ପାଣି ଟ୍ୟାପ କାମ ସମ୍ପୂର୍ଣ୍ଣ ହୋଇ ନ ଥିବା, ପୋଖରୀରୁ ପାଣି ଯୋଗାଇବା ପାଇଁ ଥିବା ମଟରଟି ଅକାମୀ ହୋଇପଡିଥିବା ଦେଖିବାକୁ ମିଳିଥିଲା। ବାକି ୪ଟିଯାକ ବିଦ୍ୟାଳୟରେ ମଧ୍ୟ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇପାରି ନାହିଁ।

# ଏ ବର୍ଷ ଭକ୍ତଙ୍କୁ ନେଇ ହୋଇପାରେ ରଥଯାତ୍ରା

**ପୁରୀ ଅଫିସ,୪।୫**

- ଆଜି ଜିଲାପାଳଙ୍କ ଅଧ୍ୟକ୍ଷତାରେ ବସିବ ପ୍ରସ୍ତୁତି ବୈଠକ
- ବିଭିନ୍ନ ବିଭାଗର କର୍ତ୍ତୃପକ୍ଷଙ୍କ ସହ ଆଲୋଚନା ହେବ

ଚଳିତ ବର୍ଷ ଭକ୍ତଙ୍କ ଗହଣରେ ବିଶ୍ୱପ୍ରସିଦ୍ଧ ପୁରୀ ରଥଯାତ୍ରା ହେବାର ଯୋଜନା ରହିଛି। ଏଣୁ ପୁରୀରେ ବ୍ୟାପକ ପ୍ରସ୍ତୁତି କରାଯିବ। ଏନେଇ ଗୁରୁବାର ଜିଲାପାଳଙ୍କ ଅଧ୍ୟକ୍ଷତାରେ ପ୍ରସ୍ତୁତି ବୈଠକ ବସିବ। ସମସ୍ତ ବିଭାଗୀୟ ଅଧିକାରୀମାନଙ୍କ ସହ ବସି ପ୍ରସ୍ତୁତି ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରାଯିବ। ଗୋଇନ୍ଦା ରିପୋର୍ଟ ଅନୁଯାୟୀ, ଚଳିତବର୍ଷ ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଭକ୍ତ ରଥଯାତ୍ରା ଦେଖିବାକୁ ପୁରୀ ଆସିବାର ସମ୍ଭାବନା ରହିଛି। ଏଭଳି ସ୍ଥଳେ ରଥଯାତ୍ରାକୁ ଶୃଙ୍ଖଳିତ ଓ ସୁରୁଖୁରୁରେ ସମ୍ପନ୍ନ କରିବା ଉପରେ ବୈଠକରେ ଗୁରୁତ୍ୱ ଦିଆଯିବ। ପାନୀୟଜଳ, ବିଦ୍ୟୁତ୍ ସେବା, ରାସ୍ତାଘାଟ ପ୍ରଭୃତି ବିଭିନ୍ନ ସୁବିଧା ପ୍ରସଙ୍ଗରେ ବିଭାଗୀୟ ଅଧିକାରୀମାନଙ୍କ ସହିତ ଜିଲାପାଳ ଆଲୋଚନା କରିବେ। ଏନେଇ ନକ୍ସା ପ୍ରସ୍ତୁତ ହେବ। ପୌରସଂସ୍ଥା ଅଧିକାରୀ ପରିଚାଳନା ଦାୟିତ୍ୱରେ ରହିବେ। ଜରୁରିକାଳୀନ ସେବା, ସ୍ୱାସ୍ଥ୍ୟସେବା ପ୍ରଭୃତି ଉପରେ ଗୁରୁତ୍ୱ ଦିଆଯିବ। ମହାମାରୀ କୋଭିଡ୍ ଯୋଗୁ ବିନା ଭକ୍ତରେ ଗତ ୨ବର୍ଷ ରଥଯାତ୍ରା ସମ୍ପନ୍ନ ହୋଇଥିଲା। ତେଣୁ ଚଳିତବର୍ଷ ରଥଯାତ୍ରାରେ ଶ୍ରଦ୍ଧାଳୁମାନେ ମହାପ୍ରଭୁଙ୍କୁ ଦେଖିବା ପାଇଁ ଚାତକ ଭଳି ଚାହିଁ ରହିଛନ୍ତି। ସହରକୁ ଆସୁଥିବା ଯାନବାହନ ନିୟନ୍ତ୍ରଣ ତଥା ଟ୍ରାଫିକ ବ୍ୟବସ୍ଥା, ବିକଳ୍ପ ରାସ୍ତା ନିର୍ଦ୍ଧାରଣ ପ୍ରଭୃତି ସମ୍ପର୍କରେ ଏସ୍‌ପି କନୱର ବିଶାଳ ମତ ରଖିବା ସହ ଟ୍ରାଫିକ୍ ବ୍ୟବସ୍ଥାର ନକ୍ସା ଦେଖାଇବେ। ପକେଟ୍‌ମାର୍, ଲୁଟ୍ ଭଳି ଘଟଣା ଉପରେ ମଧ୍ୟ ଦୃଷ୍ଟି ରଖାଯିବ। ଅନ୍ୟପକ୍ଷରେ ଶ୍ରୀମନ୍ଦିର ଐତିହ୍ୟ କରିଡର ପ୍ରକଳ୍ପ କାର୍ଯ୍ୟ ରଥଯାତ୍ରା ପାଇଁ କଣ୍ଟା ହେଲାଣି। ରଥଯାତ୍ରା ସମୟରେ ପ୍ରକଳ୍ପ କାର୍ଯ୍ୟ ଗହଳିର ଏକ ବଡ଼ କାରଣ ହୋଇପାରେ। ଏଣୁ ସେହି ସମୟରେ କାମକୁ କିଛିଦିନ ବନ୍ଦ ରଖାଯାଇପାରେ ବୋଲି କୁହାଯାଉଛି। ଯାତାୟାତ ମାଧ୍ୟମ ପାଇଁ ପୂର୍ବତଟ ରେଳପଥ ଓ ଘରୋଇ ବସ୍ ମାଲିକ ସଂଘ ସହ ପ୍ରଶାସନ ପକ୍ଷରୁ ଆଲୋଚନା କରାଯିବ। ଜିଲାପାଳ ସମର୍ଥ ବର୍ମା କହିଛନ୍ତି, ପ୍ରସ୍ତୁତି ବୈଠକ ପରେ ସବୁ ବିଭାଗର ସ୍ୱତନ୍ତ୍ର ବୈଠକ ବସି ଯୋଜନା ପ୍ରସ୍ତୁତ ହେବ। ବିଭାଗୀୟ କର୍ତ୍ତୃପକ୍ଷମାନେ ସେମାନଙ୍କ ଯୋଜନା ସମ୍ପର୍କରେ ସୂଚନା ଦେବେ। ଏହାପରେ ସମନ୍ୱୟ ବୈଠକ ବସି ଚୂଡ଼ାନ୍ତ ଯୋଜନା ପ୍ରସ୍ତୁତ କରାଯିବ।

## ଭାର୍ଗବୀ ସାହିତ୍ୟ ସଂସଦର ନବମ ବାର୍ଷିକୋତ୍ସବ

**ବଳଙ୍ଗା,୪।୫(ଡି.ଏନ୍.ଏ.)**

ବଳଙ୍ଗା ଭାର୍ଗବୀ ସାହିତ୍ୟ ସଂସଦର ନବମ ବାର୍ଷିକ ଉତ୍ସବ ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପଠାରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। କୃପାସିନ୍ଧୁ ଦତ୍ତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ଅତିଥି ଭାବେ ବଳଙ୍ଗା ମହାବିଦ୍ୟାଳୟ ଅଧ୍ୟକ୍ଷ ତପନ ପଟ୍ଟନାୟକ, ଶୁଭ୍ରାଂଶୁ ବେହେରା, ସଦାଶିବ ମିଶ୍ର, ବସନ୍ତ ମାଝୀ, ଈଶ୍ୱର ଚନ୍ଦ୍ର ନାୟକ, ମାନସ ପଟ୍ଟନାୟକ, ସରପଞ୍ଚ ଅଞ୍ଜଳି ପ୍ରଧାନ, ସମିତି ସଭ୍ୟ ପ୍ରକାଶ କୁମାର ସାହୁ ପ୍ରମୁଖ ଯୋଗଦେଇ ନିଜ ମତ ରଖିଥିଲେ। ଅଧ୍ୟାପକ ଅଶୋକ କୁମାର ମିଶ୍ର, ସୁରେନ୍ଦ୍ର ପଲାଇ, ମମତା ମହାନ୍ତି, ତପନ ନନ୍ଦ ପ୍ରମୁଖଙ୍କୁ ବିଭିନ୍ନ ସମ୍ମାନରେ ସମ୍ମାନିତ କରାଯାଇଥିଲା।

## ବାଳାଶ୍ରମ ଅନ୍ତେବାସୀଙ୍କୁ ସ୍କୁଲ ବ୍ୟାଗ୍ ବଣ୍ଟନ

**ପୁରୀ ଅଫିସ, ୪।୫**

ଶ୍ରୀକ୍ଷେତ୍ର ଟ୍ରକ ମାଲିକ ସଂଘ ପକ୍ଷରୁ ଉତ୍କଳ ବାଳାଶ୍ରମର ଅନ୍ତେବାସୀ ପିଲାଙ୍କୁ ସ୍କୁଲ ବ୍ୟାଗ୍ ବଣ୍ଟନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ସଂଘ କାର୍ଯ୍ୟକାରୀ ସଭାପତି ସୁବ୍ରତ ମହାନ୍ତି, ସାଧାରଣ ସମ୍ପାଦକ ଅମିତ୍ ଅରୁଣ ବିଶ୍ୱାଳ, ଉପଦେଷ୍ଟା ରାଧାରମଣ ସ୍ୱାଇଁ, ଦେବାଶିଷ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

## ଗଣସଙ୍ଗଠନ ପ୍ରୟାସ ଉଦ୍‌ଘାଟିତ

**କଣାସ,୪।୫(ସ୍ୱ.ପ୍ର)**

'ପ୍ରୟାସ' ଗଣସଂଗଠନ ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ସଂଗଠନର ସମ୍ପାଦକ କାମାକ୍ଷା ପ୍ରସାଦ ପ୍ରଧାନ ଏହାକୁ ଉଦ୍‌ଘାଟନ କରିଥିଲେ। ସାମାଜିକ, ରାଜନୈତିକ ଓ ଅର୍ଥନୈତିକ ନ୍ୟାୟ ପ୍ରଦାନ ପାଇଁ ଏହି ସଂଗଠନ କାମ କରିବ ବୋଲି ସଭାପତି କୃଷ୍ଣ ଜଗଦ୍ଦେବ କହିଛନ୍ତି। ଏହି ଅବସରରେ ବିରୋତୋଇଠାରେ ଆୟୋଜିତ ଉଦ୍‌ଘାଟନୀ ସଭାରେ ସମ୍ମାନିତ ଅତିଥି ଭାବେ ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଅଭିମନ୍ୟୁ ଜୟସିଂ, ଗଡଖାରଦ ସରପଞ୍ଚ ମହେଶ୍ୱର ସେଠୀ, ବିଶ୍ୱଜିତ ବଡଜେନା, ତରୁଣ ସେନ୍, ଭାସ୍କର ମିଶ୍ର, କିଶୋର ମାର୍ଥା ପ୍ରମୁଖ ଯୋଗ ଦେଇଥିଲେ। ୪୦ଜଣ କୃଷକ ଓ ୧୦ଜଣ ସାମରିକ କଳାକୌଶଳ ପ୍ରଦର୍ଶନକାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ଶିଳାନ୍ୟାସକୁ ପୂରିଲା ୪ ମାସ, ରାସ୍ତାକାମ ହୋଇନି

**କୋଣାର୍କ,୪।୫(ଡି.ଏନ.ଏ.)**

- ହଟାଇ ନିଆଯାଉଛି ନିର୍ମାଣ ସାମଗ୍ରୀ
- ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ

କୋଣାର୍କ ବସଷ୍ଟାଣ୍ଡ ନିକଟରେ ଥିବା ମାର୍କେଟ କମ୍ପ୍ଲେକ୍ସକୁ ଫେଭର ବ୍ଲକ ରାସ୍ତା ନିର୍ମାଣ ପାଇଁ ଦୀର୍ଘଦିନରୁ ପ୍ରସ୍ତାବ ଥିଲେ ମଧ୍ୟ ଏପର୍ଯ୍ୟନ୍ତ କାର୍ଯ୍ୟ ଆରମ୍ଭ ହୋଇପାରିଲା ନାହିଁ। ଏହି ରାସ୍ତା ନିର୍ମାଣ ପାଇଁ ଚଳିତବର୍ଷ ଜାନୁୟାରୀରେ କ୍ରୀଡା ମନ୍ତ୍ରୀ ତୁଷାରକାନ୍ତି ବେହେରାଙ୍କ ଦ୍ୱାରା ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। ଅନ୍ୟପଟେ ରାସ୍ତା ନିର୍ମାଣ ପାଇଁ ରଖାଯାଇଥିବା ସରଞ୍ଜାମ ଅନ୍ୟତ୍ର ସ୍ଥାନାନ୍ତରିତ କରାଯାଉଥିବା ଦେଖିବାକୁ ମିଳିଛି। ଫଳରେ କାର୍ଯ୍ୟର ମନ୍ଥରତାକୁ ନେଇ ସ୍ଥାନୀୟ ଅଞ୍ଚଳବାସୀ ଓ ବୁଦ୍ଧିଜୀବୀଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି।

ସୂଚନା ଅନୁଯାୟୀ, କୋଣାର୍କ ଏନ୍‌ଏସି ପକ୍ଷରୁ ବ୍ୟବସାୟୀମାନଙ୍କୁ ଥଇଥାନ କରିବା ଉଦ୍ଦେଶ୍ୟରେ ବସଷ୍ଟାଣ୍ଡ ନିକଟରେ ଥିବା ପ୍ଲଟକୁ ସୁଲଭ ମୂଲ୍ୟରେ ବ୍ୟବସାୟ କରିବା ପାଇଁ ଯୋଗାଇ ଦିଆଯାଇଥିଲା। ହେଲେ ଏହି ଯୋଜନା ଠିକ ଭାବେ କରା ନ ଯିବା ଏବଂ ବିଳମ୍ବିତ ସମୟ ପର୍ଯ୍ୟନ୍ତ ଏହି ପ୍ଲଟ ଖାଲି ରହିବାରୁ ଧୀରେ ଧୀରେ କେତେଜଣ ବ୍ୟବସାୟୀ ଦୋକାନ ଗୃହ ନିର୍ମାଣ କରି ବ୍ୟବସାୟ ଆରମ୍ଭ କରିଥିଲେ। ହେଲେ ରାସ୍ତାଘାଟ ନ ଥିବାରୁ ଯିବାଆସିବା କଷ୍ଟକର ହୋଇପଡ଼ିଥିଲା। ରାସ୍ତା ନିର୍ମାଣ ପାଇଁ ବ୍ୟବସାୟୀମାନେ ବାରମ୍ବାର ଦାବି କରିବା ପରେ ଏନ୍‌ଏସି ପକ୍ଷରୁ ଗତ ତା ୬।୧।୨୦୨୨ ରିଖରେ କ୍ରୀଡ଼ାମନ୍ତ୍ରୀ ଏକ ଫେଭର ବ୍ଲକ ରାସ୍ତା ପାଇଁ ଭିତ୍ତିପ୍ରସ୍ତର ସ୍ଥାପନା କରିଥିଲେ। କିନ୍ତୁ ଦୁଃଖର ବିଷୟ ଏହି ଭିତ୍ତିପ୍ରସ୍ତରକୁ ଚାରିମାସ ବିତିଯାଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ରାସ୍ତା କାର୍ଯ୍ୟ ଆରମ୍ଭ ହୋଇପାରି ନାହିଁ। ପୌର ନିର୍ବାଚନକୁ ଆଖି ଆଗରେ ରଖି ନାମକୁମାତ୍ର ଭିତ୍ତିପ୍ରସ୍ତର ପକାଯାଇଥିବା ସ୍ଥାନୀୟ ବ୍ୟବସାୟୀମାନେ ଅଭିଯୋଗ କରିଛନ୍ତି। ଆଗକୁ ବର୍ଷାଦିନ ଆସୁଥିବାରୁ ତୁରନ୍ତ ଏହି ରାସ୍ତା ନିର୍ମାଣ କରିବା ପାଇଁ ମାର୍କେଟ କମ୍ପ୍ଲେକ୍ସରେ ବ୍ୟବସାୟ କରୁଥିବା ବ୍ୟବସାୟୀମାନେ ଦାବି କରିଛନ୍ତି।



ଶିଳାନ୍ୟାସ ଫଳକ।

# ଜୁନ୍ ସୁଦ୍ଧା ମେଗା ପାନୀୟଜଳ ପ୍ରକଳ୍ପ କାର୍ଯ୍ୟ ସାରିବାକୁ ନିର୍ଦ୍ଦେଶ

**ସାକ୍ଷୀଗୋପାଳ,୪।୫(ଡି.ଏନ୍.ଏ.)**

ସତ୍ୟବାଦୀ ବ୍ଲକର ପ୍ରତି ପରିବାରରେ ସ୍ୱଚ୍ଛ ପାନୀୟ ଜଳ ପାଇପ ଯୋଗେ ପହଞ୍ଚାଇବା ଲକ୍ଷ୍ୟରେ ୫ ବର୍ଷ ତଳେ ଆରମ୍ଭ ହୋଇଥିବା ମେଗା ପାନୀୟ ଜଳ ପ୍ରକଳ୍ପର ଅଗ୍ରଗତି ନେଇ ବୁଧବାର ଏକ ସମୀକ୍ଷା ବୈଠକ ବ୍ଲକ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଏଲ୍ ଆଣ୍ଡ ଟି ନାମକ ଘରୋଇ ସଂସ୍ଥା ଏହି ପ୍ରକଳ୍ପ ନିର୍ମାଣ କରୁଥିବାବେଳେ କାର୍ଯ୍ୟ ଅବଧି ସରିଥିଲେ ମଧ୍ୟ ଏହା ପୂର୍ଣ୍ଣାଙ୍ଗ ହୋଇନାହିଁ। ଖରାରେ ପାଣି ପାଇଁ ଲୋକେ ହୀନସ୍ତା ହେଉଥିବାରୁ ଏନେଇ ପଞ୍ଚାୟତ ସମିତି ବୈଠକରେ ସଦସ୍ୟମାନେ କ୍ଷୋଭ ପ୍ରକାଶ କରିଥିଲେ। ଏଣୁ ସମୀକ୍ଷା ବୈଠକ ପାଇଁ ନିଷ୍ପତ୍ତି ନିଆଯାଇଥିଲା। ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟ ପ୍ରକଳ୍ପ କାର୍ଯ୍ୟକାରିତା ନେଇ ସମୀକ୍ଷା କରିଥିଲେ। ସତ୍ୟବାଦୀର ୧୪ଟି ପଞ୍ଚାୟତକୁ ୩ଟି ଜୋନରେ ବିଭକ୍ତ କରି ମୋଟ ୬୦ଟି ରାଜସ୍ୱ ଗ୍ରାମରେ ଚାଲିଥିବା କାମରେ ବିଳମ୍ବ, ଅନଭିଜ୍ଞ ଶ୍ରମିକମାନଙ୍କୁ ନେଇ କାମ କରିବା ଏବଂ ଅନେକ ଗ୍ରାମକୁ ବାଦ ଦିଆଯାଇଥିବାରୁ ବିଧାୟକ ଅସନ୍ତୋଷ ପ୍ରକାଶ କରିଥିଲେ। ବାକି ରହିଥିବା କାମ ପଞ୍ଚାୟତ ପ୍ରତିନିଧିମାନଙ୍କ ସହଯୋଗରେ ଆଗାମୀ ଜୁନ ସୁଦ୍ଧା ଶେଷ କରିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପୁରୀ ଆର୍‌ଡବ୍ଲ୍ୟୁଏସ୍‌ଏସ୍ ନିର୍ବାହୀଯନ୍ତ୍ରୀ ଅଭିମନ୍ୟୁ ବାରିକ ଏହି ପ୍ରକଳ୍ପର ସଫଳତା ନିମନ୍ତେ ଆବଶ୍ୟକ ଅନୁଦାନ ବ୍ୟବସ୍ଥା କରାଯାଇଛି। ଟେଣ୍ଡର ପ୍ରକ୍ରିୟା ସମାପ୍ତ ପରେ ଖୁବ୍‌ଶୀଘ୍ର କାମ ଆରମ୍ଭ ହେବ ବୋଲି ସୂଚନା ଦେଇଥିଲେ। ପଞ୍ଚାୟତ ସମିତି ଅଧ୍ୟକ୍ଷ ସୁନୀଲ କୁମାର ପଣ୍ଡା ବୈଠକରେ ଅଧ୍ୟକ୍ଷତା କରିଥିଲେ। ବିଡିଓ କ୍ଷୀରୋଦ ବେହେରା ସ୍ୱାଗତ ଭାଷଣ ଓ ଏଲ ଆଣ୍ଡ ଟିର ସ୍ଥାନୀୟ ଅଧିକାରୀ ସୁଜିତ ଗିରି ପ୍ରକଳ୍ପର ବିବରଣୀ ପ୍ରଦାନ କରିଥିଲେ। ସତ୍ୟବାଦୀ ଥାନା ଆଇଆଇସି ବିଜୟ କେତନ ବେହେରା, ସମିତି ଉପାଧ୍ୟକ୍ଷା ନିବେଦିତା ପାତ୍ର, ଜିଲା ପରିଷଦ ସଭ୍ୟ ରତିକାନ୍ତ ମିଶ୍ର, ବିଷ୍ଣୁପ୍ରିୟା ବରାଳ, ସମିତି ସଭ୍ୟ ରାମଚନ୍ଦ୍ର ମହାନ୍ତି, ଦୀପକ ଶତପଥୀ, ସୁମନ୍ତ ଘଗୁଆରୀ, ସରପଞ୍ଚ ଦୁଃଶାସନ ପ୍ରଧାନ, ଦୀପା ବେହେରା, ସତ୍ୟ ନାୟକ, ଆରଡବ୍ଲ୍ୟୁଏସ୍‌ଏସ୍ ଯନ୍ତ୍ରୀ ଉପସ୍ଥିତ ଥିଲେ।



ବୈଠକରେ ଲୋକ ପ୍ରତିନିଧି ଏବଂ ପ୍ରଶାସନିକ ଅଧିକାରୀମାନେ।

## ସଂକ୍ଷେପରେ

### ଯୁବତୀଙ୍କୁ ପ୍ରତାରଣା ଅଭିଯୋଗରେ ଯୁବକ ଗିରଫ

**କଟକ ସଦର,୪।୫(ଡି.ଏନ୍.ଏ.):** ଯୁବତୀଙ୍କୁ ପ୍ରତାରଣା କରିବା ଅଭିଯୋଗରେ କିଶନନଗର ପୋଲିସ ଜଣଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ସେ ହେଲେ ବାରଦା ଗ୍ରାମର ଉମାକାନ୍ତ ବେହେରା(୩୮)। ପୋଲିସ ସୂତ୍ରରୁ ପ୍ରକାଶ, ବିବାହର ପ୍ରତିଶ୍ରୁତି ଦେଇ ସମ୍ପୃକ୍ତା ଯୁବତୀଙ୍କ ସହ ଉମାକାନ୍ତ ଶାରୀରିକ ସମ୍ପର୍କ ରଖି ଅନ୍ତଃସତ୍ତ୍ୱା କରିଥିଲେ। ପରେ ଯୁବତୀ ଜଣକ ବିବାହ କରିବା ପାଇଁ କହିବାରୁ ଉମାକାନ୍ତ ପ୍ରତାରଣା କରିଥିଲେ। ଏ ନେଇ ଯୁବତୀଙ୍କ ମା’ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୭୨/୨୨) ରୁଜୁ କରିଥିଲା।

### ଜାତୀୟ ଶିକ୍ଷା ନୀତି ବାତିଲ ଦାବିରେ ଦସ୍ତଖତ ସଂଗ୍ରହ ଅଭିଯାନ

**କଟକ ଅଫିସ, ୪।୫:** ଜାତୀୟ ଶିକ୍ଷା ନୀତି-୨୦୨୦ ବାତିଲ ଦାବିରେ ଏଆଇଡିଏସ୍‌ଓ ପକ୍ଷରୁ ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ସମ୍ମୁଖରେ ଦସ୍ତଖତ ସଂଗ୍ରହ ଅଭିଯାନ କାର୍ଯ୍ୟକ୍ରମ ବୁଧବାର ଆରମ୍ଭ ହୋଇଛି। ଏଥିରେ ଏଆଇଡିଏସ୍‌ଓ ଓଡ଼ିଶା ରାଜ୍ୟ ପରିଷଦ ଉପସଭାପତି ବବି ବଳବନ୍ତରାୟ ଯୋଗଦେଇ କହିଥିଲେ, ସ୍ୱାଧୀନତା ପରେ ଉଭୟ କେନ୍ଦ୍ର ଏବଂ ରାଜ୍ୟ ସରକାରମାନେ ଶିକ୍ଷା କ୍ଷେତ୍ରରେ ଥିବା ଗଣତାନ୍ତ୍ରିକ ଓ ବୈଜ୍ଞାନିକ ମୂଲ୍ୟବୋଧକୁ ଧ୍ୱଂସ କରିବାକୁ ଚେଷ୍ଟା କରିଚାଲିଛନ୍ତି। ଶିକ୍ଷା କ୍ଷେତ୍ରରେ ଆକାଶଛୁଆଁ ଫି’ ବୃଦ୍ଧି ହେତୁ ଦେଶର ଲକ୍ଷାଧିକ ଛାତ୍ରଛାତ୍ରୀ ଶିକ୍ଷା ପାଇବାରୁ ବଞ୍ଚିତ ହୋଇଛନ୍ତି। ତେଣୁ ଏଭଳି ଶିକ୍ଷାନୀତି ବର୍ଜନ କରିବା ସହ ଏହାକୁ ବାତିଲ କରିବା ପାଇଁ ଦସ୍ତଖତ ସଂଗ୍ରହ ଅଭିଯାନରେ ସର୍ବସ୍ତରର ଜନଗଣ ସାମିଲ ହେବାକୁ ସେ ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସଂଗ୍ରାମୀ ଫୋରମର ଆବାହକ ପ୍ରଶାନ୍ତ ଦାସ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ମହେନ୍ଦ୍ର କାୟସ୍ଥ, ଏଆଇଡିଏସ୍‌ଓ କଟକ ଜିଲା ସଭାପତି ଭାଗ୍ୟରବି ଦାସ, ସମ୍ପାଦକ ବିନୋଦ ସେଠୀ, ଉପସଭାପତି ତରୁଣସେନ ନାୟକ, ସମ୍ପାଦକ ମଣ୍ଡଳୀ ସଦସ୍ୟ ଈଶା ଧର, ଶିବାନୀ ସାହୁ, ଶୁଭସ୍ମିତା ସାହୁ, ଅମରେନ୍ଦ୍ର ନାୟକ, ଜ୍ୟୋତ୍ସ୍ନାରାଣୀ ଦାସ, ସଂଗଠକ ସରୋଜ ମାନସିଂହଙ୍କ ସମେତ ବହୁ ବୁଦ୍ଧିଜୀବୀ ଓ ଛାତ୍ରନେତା ସାମିଲ ହୋଇ ନିଜର ଦସ୍ତଖତ ପ୍ରଦାନ କରିଥିଲେ।

### ମହାପୁରୁଷ ସାଧୁସୁନ୍ଦର ଦାସଙ୍କ ଜୟନ୍ତୀ

**ଚୌଦ୍ୱାର,୪।୫(ଡି.ଏନ୍.ଏ.):** ଆଗ୍ରାହାଟ ପଞ୍ଚାୟତ କୁଜିବରସ୍ଥିତ ମହାପୁରୁଷ ସାଧୁସୁନ୍ଦର ଦାସଙ୍କ ସିଦ୍ଧପୀଠରେ ସାଧୁସୁନ୍ଦରଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ପୀଠରେ ସୂର୍ଯ୍ୟପୂଜା, ଗୋ-ପୂଜନ, କଳସ ଶୋଭାଯାତ୍ରା ଓ ଯଜ୍ଞ ହୋଇଥିଲା। ଶରତ ଚନ୍ଦ୍ର ସାହୁଙ୍କ ସମେତ ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସନ୍ଧ୍ୟାରେ ହିନ୍ଦୁ ସେବକ ସଂଘର ରାଷ୍ଟ୍ରୀୟ ଅଧ୍ୟକ୍ଷ ଦାମୋଦର ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ ଜୟନ୍ତୀ ଉତ୍ସବରେ ପୂର୍ବତନ ବିଧାୟକ ଡ. ପ୍ରଭାତ ରଞ୍ଜନ ବିଶ୍ୱାଳ ଅତିଥି ଭାବେ ଯୋଗଦେଇ ସାଧୁସୁନ୍ଦରଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ପଞ୍ଚାୟତର ନବ ନିର୍ବାଚିତ ଜନ ପ୍ରତିନିଧି ଓ ସମାଜର ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠାଲାଭ କରିଥିବା ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସୁକାନ୍ତ କୁମାର ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ସମ୍ପାଦକ ଶରତ ଚନ୍ଦ୍ର ନାୟକ, ପାଠାଗାର ସମ୍ପାଦକ କରୁଣାକର ବେହେରା, ବାସୁଦେବ ସାହୁ ପ୍ରମୁଖ ସହଯୋଗ କରିଥିଲେ।

# ଦୁର୍ଘଟଣାରେ ଶିଶୁକନ୍ୟା ମୃତ, ଉତ୍ତେଜନା

## କ୍ଷତିପୂରଣ ଦାବିରେ ଥାନା ଘେରାଉ, ରାସ୍ତାରୋକୋ

**ବାଙ୍କୀ,୪।୫(ସ୍ୱ.ପ୍ର.)**

ବାଙ୍କୀ ଏନ୍‌ଏସି ଅନ୍ତର୍ଗତ ମନ୍ତ୍ରୀ ସାହି ଗ୍ରାମର ମାଧବ ମନ୍ତ୍ରୀଙ୍କ ୪ ବର୍ଷର ଝିଅ ମାମୁନିଙ୍କୁ ମଙ୍ଗଳବାର ଏକ ବାଇକ୍ ଧକ୍କା ଦେଇଥିଲା। ଆହତଙ୍କୁ ପ୍ରଥମେ ବାଙ୍କୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଗୁରୁତର ଥିବାରୁ ସେଠାରୁ କଟକ ଶିଶୁ ଭବନକୁ ସ୍ଥାନାନ୍ତର କରାଯାଇଥିଲା। ପରେ ତାଙ୍କୁ କଟକ ବଡ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ବୁଧବାର ସକାଳୁ ମାମୁନିଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିଲା। ଏହି ଖବର ଜଣାପଡିବା ପରେ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ବ୍ୟବଚ୍ଛେଦ ପରେ ପରିବାର ସଦସ୍ୟ ଓ ଗ୍ରାମବାସୀ ବାଙ୍କୀ ଥାନା ସମ୍ମୁଖରେ ମୃତଦେହ ରଖି ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରି ଥାନା ଘେରାଉ କରିଥିଲେ। ପରେ ଆନ୍ଦୋଳନକାରୀମାନେ ଟାୟାର ଜାଳି ରାସ୍ତାରୋକୋ କରିଥିଲେ। ଦୁର୍ଘଟଣା ଘଟାଇଥିବା ପଦନପୁର ଗ୍ରାମର ଶିବ ପ୍ରଧାନଙ୍କୁ ବାଙ୍କୀ ପୋଲିସ ଅଟକ ରଖିଛି। ତାଙ୍କୁ ଗିରଫ ଦର୍ଶାଇ ପୋଲିସ କୋର୍ଟ ଚାଲାଣ କରିନାହିଁ। ପୋଲିସର ଏପରି ଅନୁକମ୍ପା ପ୍ରତିବାଦ ଥାନା ଘେରାଉ କରାଯାଇଛି ବୋଲି ଗ୍ରାମବାସୀ କହିଥିଲେ। ବାଙ୍କୀ ଥାନା ଅଧିକାରୀ ସୌମେନ୍ଦୁ ଶେଖର ତ୍ରିପାଠୀ ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ପରେ ଅଭିଯୁକ୍ତ ଶିବଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଜାମିନ୍ ନାମଞ୍ଜୁର ହେବାରୁ ତାଙ୍କୁ ବାଙ୍କୀ ଜେଲ୍‌କୁ ପଠାଯାଇଛି ବୋଲି ସେ କହିଛନ୍ତି। ଏ ସମ୍ପର୍କରେ ଥାନାରେ ଏକ ମାମଲା (ନଂ.୧୩୮/୨୨) ରୁଜୁ ହୋଇଛି।


ଉତ୍ତ୍ୟକ୍ତ ଲୋକମାନେ ଟାୟାର ଜାଳି ରାସ୍ତା ଅବରୋଧ କରିଛନ୍ତି।

# ଅପରାଧ ନିୟନ୍ତ୍ରଣ, ଆଇନଶୃଙ୍ଖଳା ଉପରେ ଫୋକସ

**କଟକ ଅଫିସ/ଭୁବନେଶ୍ୱର, (ବ୍ୟୁରୋ),୪।୫**

## ଦାୟିତ୍ୱ ଗ୍ରହଣ କଲେ ଭୁବନେଶ୍ୱର ଡିସିପି ପ୍ରତୀକ ସିଂ



ଭୁବନେଶ୍ୱର ସହରାଞ୍ଚଳ ଜିଲା ପୋଲିସ(ୟୁପିଡି)ର ନୂଆ ଡିସିପି ଭାବେ ୨୦୧୪ ବ୍ୟାଚ୍‌ର ଆଇପିଏସ୍ ଅଫିସର ପ୍ରତୀକ ସିଂ ବୁଧବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହା ପୂର୍ବରୁ ସେ କଟକ ଡିସିପି ଭାବେ କାର୍ଯ୍ୟ କରୁଥିଲେ। ଗତ ଏପ୍ରିଲ ୨୯ରେ ତାଙ୍କ ବଦଳି ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଥିଲା। ବୁଧବାର ଅପରାହ୍ନରେ ଅତିରିକ୍ତ ଡିସିପିଙ୍କ ସମେତ ସମସ୍ତ ଥାନାଧିକାରୀ ଡିସିପି କାର୍ଯ୍ୟାଳୟରେ ପ୍ରତୀକଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିବାପରେ ସେ ତାଙ୍କ କାର୍ଯ୍ୟାଳୟରେ ବିଧିବଦ୍ଧ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ପରେ ଖବରଦାତା ସମ୍ମିଳନୀରେ ଗଣମାଧ୍ୟମକୁ କହିଥିଲେ, ଅଭିଯୁକ୍ତଙ୍କ ଟ୍ରାଏଲ(ଶୁଣାଣି) ପର୍ଯ୍ୟନ୍ତ ପୋଲିସକୁ କାମ କରିବାକୁ ହେବ। କୋର୍ଟରେ ଚାର୍ଜଶିଟ୍ ଦାଖଲ ପରେ କାମ ସରିଗଲା ବୋଲି ଭାବିବା ଠିକ୍ ନୁହେଁ। ରାଜଧାନୀରେ ଅପରାଧ ନିୟନ୍ତ୍ରଣ, ଆଇନଶୃଙ୍ଖଳା ସୁପରିଚାଳନା, ପିପୁଲ୍ ଫ୍ରେଣ୍ଡଲି ପୋଲିସିଂ ଏବଂ ୫-ଟି ପ୍ରୟୋଗ ଉପରେ ମୁଖ୍ୟ ଫୋକସ୍ ଦିଆଯିବ। ନୂଆ କରି ଭୁବନେଶ୍ୱର ଡିସିପି ଭାବେ କାମରେ ଯୋଗଦେଇଥିବାରୁ ପ୍ରଥମେ ଅଫିସରମାନଙ୍କ ସହ ମିଶି ଥାନା ସମସ୍ୟା ସମ୍ପର୍କରେ ଆଲୋଚନା କରିବି। ଏଥିସହ ଥାନାରେ କର୍ମଚାରୀ ଅଭାବ ନେଇ ଧ୍ୟାନ ଦିଆଯିବ ବୋଲି ଡିସିପି ସିଂ କହିଛନ୍ତି। ପରେ ସେ ସମସ୍ତ ଇନ୍ସପେକ୍ଟର ଓ ଜୋନ୍ ଏସିପିଙ୍କ ସହ ଏକ ବୈଠକରେ ବିଭିନ୍ନ ପ୍ରସଙ୍ଗକୁ ନେଇ ଆଲୋଚନା କରିଥିଲେ।

ଆଇପିଏସ୍ ପ୍ରତୀକ ପ୍ରଥମେ ୨୦୧୬ରେ ବ୍ରହ୍ମପୁର ଏସ୍‌ପି ଭାବେ କାର୍ଯ୍ୟ ଆରମ୍ଭ କରିଥିଲେ। ଏହାପରେ ସେ ୨୦୧୭ରେ ମାଲକାନଗିରି, ୨୦୧୮ରୁ ୨୦୨୦ ଯାଏଁ କନ୍ଧମାଳ ଏସ୍‌ପି ଭାବେ ଦାୟିତ୍ୱ ତୁଲାଇଥିଲେ। ୨୦୨୦ ଜୁଲାଇ ୧୪ରେ ତାଙ୍କୁ କଟକ ଡିସିପି ଭାବେ ବଦଳି କରାଯାଇଥିଲା। ସେତେବେଳେ କରୋନା ମହାମାରୀ ପାଇଁ କଟକରେ କଟକଣା ବଳବତ୍ତର ରହିଥିଲା। ସେହି ସମୟରେ ପ୍ରଶାସନିକ ଅଧିକାରୀ ଓ ଜନସାଧାରଣଙ୍କ ସହ ମିଶି ସୁଚାରୁ ରୂପେ ଦାୟିତ୍ୱ ତୁଲାଇଥିଲେ। କଟକ ଡିସିପି ଭାବେ କାର୍ଯ୍ୟର ଶେଷ ଦିନରେ ସହରରେ ବିଭିନ୍ନ ଦିଗରେ ସଫଳତା ପାଇଥିବା ସେ ରିପୋର୍ଟ କାର୍ଡ ଦେଇଥିଲେ। ୨୦୨୦ରେ ୩୦୦ ଗ୍ରାମ୍, ୨୦୨୧ରେ ୫ କେଜି ଓ ୨୦୨୨ରେ ଏଯାବତ୍ ୭୦୦ ଗ୍ରାମ ବ୍ରାଉନସୁଗାର ଜବତ କରାଯାଇଛି। ସେହିପରି ୨୦୨୦ରେ ୫୦ବନ୍ଧୁକ ଓ ୧୫୦୦ ଗୁଳି ଜବତ କରାଯାଇଛି। ୨୦୨୧ରେ ୬୦ରୁ ଅଧିକ ବନ୍ଧୁକ ଜବତ ହୋଇଥିବା ଡିସିପି ପ୍ରତୀକ ଗଣମାଧ୍ୟମକୁ କହିଥିଲେ।

# ମହାନଦୀରେ ବୁଡ଼ି ଯୁବକଙ୍କ ମୃତ୍ୟୁ

**ବାଙ୍କୀ, ୪।୫(ସ୍ୱ.ପ୍ର.)**

ମହାନଦୀରେ ବୁଡି ବୁଧବାର ସକାଳେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବାଙ୍କୀ ବ୍ଲକ ଅନ୍ତର୍ଗତ ଅନୁଆରୀ ବୋତଲମା ଗାଁର ଟଙ୍କଧର ଦଳେଇ ପୁଅ ପ୍ରମୋଦ (୨୦)। ପ୍ରମୋଦ ନଦୀରେ ଗାଧୋଉଥିବା ବେଳେ ଗୋଡ ଖସିଯିବାରୁ ସେ ନଦୀରେ ବୁଡିଯାଇଥିଲେ। ଖୋଜାଖୋଜି କରିବା ପରେ ନିକଟସ୍ଥ କୁରୁମ ଚଇନି ଶ୍ମଶାନ ତୁଠ ନଦୀକୂଳରୁ ତାଙ୍କୁ ଉଦ୍ଧାର କରାଯାଇଥିଲା। ତାଙ୍କୁ ଉପଖଣ୍ଡ ଚିକିତ୍ସାଳୟକୁ ଚିକିତ୍ସା ଲାଗି ଅଣାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ଉପନ୍ୟାସ ‘କନ୍ୟା ପଞ୍ଜିକ’ ଉନ୍ମୋଚିତ

**କଟକ ଅଫିସ, ୪।୫**

ଆର୍ଯ୍ୟ ପ୍ରକାଶନ ପକ୍ଷରୁ ବିଶିଷ୍ଟ କଥାକାର ଗିରିଶ ଚନ୍ଦ୍ର ମିଶ୍ରଙ୍କ ପଞ୍ଚମ ଉପନ୍ୟାସ ‘କନ୍ୟା ପଞ୍ଜିକ’ ବୁଧବାର କଟକ ଶତାବ୍ଦୀ ଭବନରେ ଉନ୍ମୋଚିତ ହୋଇଯାଇଛି। ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ପ୍ରଥମ କୁଳପତି ତଥା ବିଶିଷ୍ଟ କବି ଦେବଦାସ ଛୋଟରାୟ ଅତିଥି ଭାବେ ଯୋଗଦେଇ ଏହାକୁ ଉନ୍ମୋଚନ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ କବି ସୌଭାଗ୍ୟ କୁମାର ମିଶ୍ର ଓ ମୁଖ୍ୟବକ୍ତା ଭାବେ ନାଟ୍ୟକାର ଡ. ରମେଶ ପ୍ରସାଦ ପାଣିଗ୍ରାହୀ ଯୋଗଦେଇ କଥାକାର ମିଶ୍ରଙ୍କ ଉପନ୍ୟାସ ରଚନାର ବିଭିନ୍ନ ଦିଗ ବିଷୟରେ କହିଥିଲେ। ପ୍ରଫେସର ତପନ ପଟ୍ଟନାୟକ, ଡ. ରମାକାନ୍ତ ରାଉତ, ଡ. ବିଜୟଲକ୍ଷ୍ମୀ ଦାଶ ଓ ଅନୁବାଦକ ମିହିର ପଟ୍ଟନାୟକ ସମୀକ୍ଷକ ଭାବେ ଯୋଗଦେଇ ଉପନ୍ୟାସର କଳା ଓ କାରିଗରି ସମ୍ପର୍କରେ ଆଲୋଚନା କରିଥିଲେ। କବି ଅମରେଶ ପଟ୍ଟନାୟକ ସ୍ୱାଗତ ଭାଷଣ, ଡ. ଜ୍ଞାନୀ ଦେବାଶିଷ ମିଶ୍ର ଅତିଥି ପରିଚୟ, କଥାକାର ଗିରିଶ ମିଶ୍ର ଉପନ୍ୟାସ ରଚନାର ପୃଷ୍ଠଭୂମି, ଆର୍ଯ୍ୟ ପ୍ରକାଶନର ସ୍ୱାଧିକାରିଣୀ ଦୀପ୍ତି ମିଶ୍ର ପ୍ରାରମ୍ଭିକ ସୂଚନା ଓ ଅଧ୍ୟାପକ କମଳ ମାହୁନ୍ତ ଧନ୍ୟବାଦ ଦେଇଥିଲେ।



କଟକ ଶତାବ୍ଦୀ ଭବନରେ ବୁଧବାର ଅନୁଷ୍ଠିତ କାର୍ଯ୍ୟକ୍ରମରେ କଥାକାର ଗିରିଶ ଚନ୍ଦ୍ର ମିଶ୍ରଙ୍କ ପଞ୍ଚମ ଉପନ୍ୟାସ ‘କନ୍ୟା ପଞ୍ଜିକ’କୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

# ଜୁଏଲେରିରେ ଜିଏସ୍‌ଟି ଚଢ଼ାଉ

**ବଡ଼ମ୍ବା, ୪।୫ (ଡି.ଏନ.ଏ.)**

କଟକ ଜିଲା ବଡମ୍ବାରେ ଥିବା ବିଜୟ ଜୁଏଲେରି ନାମକ ଏକ ସୁନା ଦୋକାନରେ ବୁଧବାର ଜିଏସ୍‌ଟି ଦେଇ ନ ଥିବାରୁ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଥିବା ଜଣାପଡିଛି। ଏହି ଚଢ଼ାଉ ପ୍ରାୟ ୩ ଘଣ୍ଟା ଧରି ଚାଲିଥିଲା। ଏଥିରେ ୫ ଜଣ କର୍ମଚାରୀ ସାମିଲ ହୋଇଥିଲେ। ଏ ସମ୍ପର୍କରେ ଜୁଏଲେରି କର୍ମକର୍ତ୍ତା ସରୋଜ କୁମାର ସାହୁଙ୍କୁ ପଚାରିବାରେ ଜିଏସ୍‌ଟି ବିଭାଗର କର୍ମଚାରୀମାନେ ଦୋକାନକୁ ଆସି ଦୋକାନ ସମ୍ବନ୍ଧୀୟ କାଗଜାତ ମାଗିବାରୁ ଦିଆଯାଇଥିଲା। ସେମାନେ କାଗଜାତ ତନଖି କରିଥିଲେ ବୋଲି ସାହୁ କହିଛନ୍ତି।

# ବିଷ୍ଣୁ ଭୁଲିପାରୁନାହାନ୍ତି ସାହିତ୍ୟ ରୁଚି

**କଟକ ଅଫିସ,୪।୫**


ବିଷ୍ଣୁ ଚରଣ ଦାସ

ବିଷ୍ଣୁ ଚରଣ ଦାସ। ବୟସ ୪୪। ପେସାରେ ଜଣେ କେୟାରଟେକର(ପରିଚାଳକ)। ହେଲେ ନିଶା ଗଳ୍ପ, ନାଟକ ଓ କବିତା ଲେଖିବା। ସେ ଅପେରା ପାଇଁ ନାଟକ ଲେଖିଥିବାବେଳେ ଚଳଚ୍ଚିତ୍ର ଲାଗି ଗୀତ ରଚନା କରିଛନ୍ତି। ଏପର୍ଯ୍ୟନ୍ତ ସେ ୨୨ଟି ନାଟକ ଲେଖିଛନ୍ତି। ବିଭିନ୍ନ ପତ୍ରିକାରେ ତାଙ୍କ ଲିଖିତ କବିତା ଓ ୩ଟି ନାଟ୍ୟ ପୁସ୍ତକ ପ୍ରକାଶ ପାଇଛି। ଏହି ଲେଖା ତାଙ୍କୁ ଆତ୍ମତୃପ୍ତି ଦେଇଛି ବୋଲି ସେ କହିଛନ୍ତି।

ଯାଜପୁର ଜିଲା ଭଉଁର ଗ୍ରାମର ବିଷ୍ଣୁଙ୍କର ପିଲାବେଳୁ ସାହିତ୍ୟ ପ୍ରତି ରୁଚି ରହିଥିଲା। ସ୍କୁଲରେ ପଢିବା ସମୟରେ ସେ ସାହିତ୍ୟ, ଗପ ଲେଖିବା ଆରମ୍ଭ କରିଥିଲେ। ଦଶମ ପଢିବା ସମୟରେ ତାଙ୍କ ଲିଖିତ ନାଟକ ବିଦ୍ୟାଳୟରେ ମଞ୍ଚସ୍ଥ ହୋଇଥିଲା। ସେ ସମୟରେ ଅଭିନେତା ଦେବାଶିଷ ନାୟକ ତାଙ୍କ ନାଟକକୁ ପସନ୍ଦ କରିବା ସହ ଲେଖା ଜାରି ରଖିବାକୁ କହିଥିଲେ। ଏହି କଥା ତାଙ୍କୁ ପ୍ରେରଣା ଯୋଗାଇବା ସହ ଉତ୍ସାହିତ କରିଥିଲା। ପରେ କଲେଜରେ ପଢିବାବେଳେ ସେ ଅନେକ ସଂଳାପ ଲେଖିଥିଲେ। ଏପରି କି ୧୯୯୮ରୁ ୨୦୦୨ ପର୍ଯ୍ୟନ୍ତ ସେ କେତେକ ଅପେରା ପାଇଁ ଛୋଟ ଡାଇଲଗ ଲେଖିଥିଲେ। ପରବର୍ତ୍ତୀ ସମୟରେ ଅତିଥି ଅଧ୍ୟାପକ ଭାବେ ଯାଜପୁର ଜିଲା ବନ୍ଧମୁଣ୍ଡାର ସନ୍ଧ୍ୟାରାଣୀ ମହିଳା ମହାବିଦ୍ୟାଳୟରେ ଯୋଗଦେଇଥିଲେ। ଏହି ସମୟ ମଧ୍ୟରେ ସେ ସାହିତ୍ୟ ଗଳ୍ପ, ରଚନା ଲେଖିବା ଜାରି ରଖିଥିଲେ। କଲେଜରେ ଅଧ୍ୟାପନା କରିବା ସମୟରେ ଠିକ୍ ଭାବେ ଦରମା ମିଳୁ ନ ଥିଲା। ଅର୍ଥ ଅଭାବ, ପାରିବାରିକ ସମସ୍ୟା ଭଳି କେତେକ କାରଣ ପାଇଁ ସେ ଘର ଛାଡି ଭୁବନେଶ୍ୱର ଆସିଥିଲେ। ସେଠାରେ ମୋମୋ ବ୍ୟବସାୟ ଆରମ୍ଭ କରିଥିଲେ। ହେଲେ ସେଥିରେ ତାଙ୍କୁ କ୍ଷତି ସହିବାକୁ ପଡିବାରୁ ଦୋକାନ ବନ୍ଦ କରିଦେଇଥିଲେ। ଏବେ ସେ କଟକ ଲିଙ୍କରୋଡ ସ୍ଥିତ ଏଲ୍‌ଆଇସି ଗେଷ୍ଟ ହାଉସର କେୟାରଟେକର ଭାବେ କାର୍ଯ୍ୟ କରୁଛନ୍ତି। ସେଠାରେ କାର୍ଯ୍ୟ ସରିବା ପରେ ବାକି ସମୟରେ କାଗଜ, କଲମ ଧରି ଲେଖାଲେଖି କରିବାକୁ ବସିପଡନ୍ତି।

ତାଙ୍କ ରଚିତ ଅନେକ ନାଟକ ତାରେଣୀ ଅପେରା, ଶୁଭଶ୍ରୀ ଗଣନାଟ୍ୟ ଓ ଜଗାବଳିଆ ଅପେରାରେ ମଞ୍ଚସ୍ଥ ହୋଇଛି। ବିଶେଷକରି ନାଟକ ‘ଫଗୁଣ ହଜିଛି ଶ୍ରାବଣ ପାଇଁ’, ‘ଯମୁନା କାନ୍ଦୁଛି ଯମ ପୁରରେ’, ‘ଆମ ଗାଁ ସରପଞ୍ଚ ତମ ଗାଁ ସଙ୍କୁନି’, ‘ବଦ୍‌ମାସ ଝିଅ’, ‘ଆଖିର ଜନମ କାନ୍ଦିବା ପାଇଁ’ ଭଳି ନାଟକ ରଚନା ତାଙ୍କୁ ବେଶ୍ ସଫଳତା ଦେଇଛି। ସେହିପରି ସେ ଅନେକ ଆଲ୍‌ବମ୍ ଓ ଚଳଚ୍ଚିତ୍ର ପାଇଁ ମଧ୍ୟ ଗୀତ ରଚନା କରିଛନ୍ତି। ‘ମୁଁ ଯେ ଦିନହୀନ ମଣିଷ’ ଓ ‘ଏମିତି ପ୍ରେମ କେମିତି ହେଲା’ ହେଉଛି ତାଙ୍କ ରଚିତ ଆଲ୍‌ବମ୍ ଗୀତ।

ଏ ସମ୍ପର୍କରେ ବିଷ୍ଣୁ କହିଛନ୍ତି, ମୋ ଲେଖାକୁ ନିର୍ଦ୍ଦେଶକମାନଙ୍କୁ ଦିଏ। ସେମାନେ ଖୁସିରେ ୫୦୦, ୧୦୦୦ ଟଙ୍କା ଦିଅନ୍ତି। ଏଥିପାଇଁ ମୁଁ କୌଣସି ଦାବି କରେନି। ସାହିତ୍ୟ ଯୋଗୁ ଘର, ପରିବାର ଓ ଆତ୍ମୀୟସ୍ୱଜନଙ୍କଠାରୁ ଦୂରେଇ ଯାଇଛି। ଗଳ୍ପ, ନାଟକ ଲେଖିବା ନିଶାକୁ ଜାବୁଡ଼ି ଧରିଛି। ବଞ୍ଚିଥିବା ପର୍ଯ୍ୟନ୍ତ ଏଭଳି ପ୍ରୟାସ ଜାରି ରହିବ ବୋଲି ସେ କହିଛନ୍ତି।

# ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାମରେ ମେଶିନ ମନା

**ନିଶ୍ଚିନ୍ତକୋଇଲି,୪।୫(ସ୍ୱ.ପ୍ର.)**

## ବିଦ୍ୟାଳୟ ରୂପାନ୍ତରଣ କାର୍ଯ୍ୟ ତୁରନ୍ତ ଶେଷ କରିବାକୁ ପିଡିଙ୍କ ନିର୍ଦ୍ଦେଶ

ଗ୍ରାମାଞ୍ଚଳରେ କର୍ମସଂସ୍ଥାନ ଯୋଗାଇବାକୁ ସରକାର ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆର୍‌ଇଜିଏସ୍) କାର୍ଯ୍ୟକାରୀ କରିଛନ୍ତି। ହେଲେ କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକରେ ଶ୍ରମିକ ପରିବର୍ତ୍ତେ ମେଶିନ ଦ୍ୱାରା ଏହି ଯୋଜନାରେ ବିଭିନ୍ନ କାର୍ଯ୍ୟ କରାଯାଉଥିବା ଅଭିଯୋଗ ହୋଇଥିଲା। ବୁଧବାର ନିଶ୍ଚିନ୍ତକୋଇଲି ବ୍ଲକ ଗସ୍ତରେ କଟକ ଜିଲା ପ୍ରକଳ୍ପ ନିର୍ଦ୍ଦେଶକ(ପିଡି) ଅମ୍ବର କୁମାର କର ଆସି ସମ୍ମିଳନୀ କକ୍ଷରେ ସମୀକ୍ଷା ବୈଠକରେ ଯୋଗ ଦେଇଥିଲେ। ତେବେ ମେଶିନରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାମ କରାଗଲେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବିଭାଗୀୟ ଅଧିକାରୀଙ୍କୁ ପିଡି କର ତାଗିଦ୍ କରିଥିଲେ। ଏହି ଯୋଜନାରେ ଅଧିକରୁ ଅଧିକ ଶ୍ରମିକଙ୍କୁ ସୁଯୋଗ ଦେବାକୁ ଜିଆରଏସ୍ ଓ ବିଭାଗୀୟ ଯନ୍ତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ସେହିଭଳି ବ୍ଲକରେ ହେଉଥିବା ୫-ଟି ଯୋଜନାରେ ବିଦ୍ୟାଳୟଗୁଡିକୁ ରୂପାନ୍ତରିତ କାର୍ଯ୍ୟ ତ୍ୱରାନ୍ୱିତ କରାଯାଉଛି। ବ୍ଲକରେ ୧୭ଟି ବିଦ୍ୟାଳୟ ରୂପାନ୍ତରଣ ପାଇଁ ବ୍ୟୟ ବରାଦ ହୋଇଥିବା ବେଳେ ୧୨ଟି ବିଦ୍ୟାଳୟ କାର୍ଯ୍ୟ ତ୍ୱରାନ୍ୱିତ ହୋଇଛି। ୫ଟି ବିଦ୍ୟାଳୟ କାର୍ଯ୍ୟ ଅଧାପାନ୍ତରିଆ ହୋଇ ପଡିଛି। ନିଶ୍ଚିନ୍ତକୋଇଲି ଅହମ୍ମଦ ବକ୍ସ ଉଚ୍ଚ ବିଦ୍ୟାଳୟ, ବଡକ୍ଷୀର ବାବା ମୁକୁନ୍ଦ ଦାସ ଉଚ୍ଚ ବିଦ୍ୟାଳୟ, କେଣ୍ଟାଳୋର କୁଳ ସୁକରପଡା ଉଚ୍ଚ ବିଦ୍ୟାଳୟ, ବରାଦର ପାଟପୁର ଉଚ୍ଚ ବିଦ୍ୟାଳୟ, ସରପଡାର ଜଗନ୍ନାଥ ବିଦ୍ୟାପୀଠ କାର୍ଯ୍ୟ ସନ୍ତୋଷଜନକ ହୋଇ ନ ଥିବାରୁ ପିଡି ବିରକ୍ତି ପ୍ରକାଶ କରିବା ସହ ତୁରନ୍ତ କାର୍ଯ୍ୟ ଶେଷ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଚଳିତ ମାସ ଶେଷ ସପ୍ତାହରେ ସମସ୍ତ ୧୭ଟି ବିଦ୍ୟାଳୟ କାର୍ଯ୍ୟ ଶେଷ କରିବାକୁ ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରଫୁଲ୍ଲ ସାହୁ ଓ ସତ୍ୟରଞ୍ଜନ ପଣ୍ଡାଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ବିଡିଓ କର୍ଣ୍ଣଦେବ ସମାଦ୍ଦାର, ଜିପିଓ ଜନ୍ମେଜୟ ରାଉତ, ସମସ୍ତ ଯନ୍ତ୍ରୀ ଓ ଜିଆରଏସ୍ ଯୋଗ ଦେଇଥିଲେ।

# ଓଡ଼ିଆ ଗଳ୍ପ ସାହିତ୍ୟକୁ ବୀଣାପାଣିଙ୍କ ଅବଦାନ ଅତୁଳନୀୟ

**କଟକ ଅଫିସ,୪।୫**

## ଲେଖିକା ବୀଣାପାଣି ମହାନ୍ତିଙ୍କ ଶ୍ରଦ୍ଧାଞ୍ଜଳି ସଭା

ଓଡ଼ିଆ ଗଳ୍ପ ସାହିତ୍ୟକୁ ସମୃଦ୍ଧ କରିବାରେ ଖ୍ୟାତନାମା ଲେଖିକା ବୀଣାପାଣି ମହାନ୍ତିଙ୍କ ଅବଦାନ ଅତୁଳନୀୟ। ସେ ଅନେକ ଲେଖିକା ସୃଷ୍ଟି କରିଛନ୍ତି। ଏପରି କି ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ସାହିତ୍ୟର ସେ ଜଣେ ବିପ୍ଳବୀ ଲେଖିକା ଥିଲେ ବୋଲି କଟକ ଶହୀଦ ଭବନରେ ବୁଧବାର ଅନୁଷ୍ଠିତ ବୀଣାପାଣି ମହାନ୍ତିଙ୍କ ଶ୍ରଦ୍ଧାଞ୍ଜଳି ସଭାରେ ବକ୍ତାମାନେ କହିଥିଲେ। ଏହି ଅବସରରେ ଅତିଥିମାନେ ପତ୍ରିକା ‘ସ୍ମୃତିରେ ବୀଣାପାଣି’ ଉନ୍ମୋଚନ କରିଥିଲେ। ଏହି ସଭାରେ ହାଇକୋର୍ଟ ବିଚାରପତି ବିଦ୍ୟୁତ୍ ରଞ୍ଜନ ଷଡଙ୍ଗୀ, ପୂର୍ବତନ ଏମ୍‌ପି ପ୍ରସନ୍ନ ପାଟଶାଣୀ, ଓଡ଼ିଶା ସାହିତ୍ୟ ଏକାଡେମୀ ସଭାପତି ହୃଷୀକେଶ ମଲ୍ଲିକ, ଲେଖିକା ପରିଷଦ ସଭାପତି ଗୋଲାପ ମଞ୍ଜରୀ କର, ଉତ୍କଳ ସାହିତ୍ୟ ସମାଜର ସଭାପତି ତରୁଣ କୁମାର ସାହୁ, ନାଟ୍ୟକାର ସଞ୍ଜିତ ପଟ୍ଟନାୟକ, ଉପେନ୍ଦ୍ର ପ୍ରସାଦ ନାୟକ, ଡ. ବିଜୟାନନ୍ଦ ସିଂ, ସାବିତ୍ରୀ ଚୌଧୁରୀ, ଶୋଭା ପଟ୍ଟନାୟକ, ବିଜୟଲକ୍ଷ୍ମୀ ସାହୁ ଓ ଗୁରୁପ୍ରସାଦ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।


କଟକ ଶହୀଦ ଭବନରେ ଅନୁଷ୍ଠିତ ଲେଖିକା ବୀଣାପାଣି ମହାନ୍ତିଙ୍କ ଶ୍ରଦ୍ଧାଞ୍ଜଳି ସଭାରେ ଅତିଥିମାନେ ପତ୍ରିକା ଉନ୍ମୋଚନ କରୁଛନ୍ତି।

# ତହସିଲଦାରଙ୍କ ନିର୍ଦ୍ଦେଶକୁ ବେଖାତିର

**ମାହାଙ୍ଗା ୪।୫(ସ୍ୱପ୍ର)**

## ୫ ମାଟି ବୋଝେଇ ଟ୍ରାକ୍ଟର, ଜେସିବି ଜବତ ଘଟଣା

■ ତହସିଲଦାରଙ୍କ ୧ ଲକ୍ଷ ୨୦ ହଜାର ଜରିମାନା ଆଦାୟ କରିବାକୁ ନିର୍ଦ୍ଦେଶ

■ ରାଜସ୍ୱ ନିରୀକ୍ଷକ ରସିଦ କାଟିଲେ ୮୦ ହଜାର

ଗୋଚର ନଦୀ ପଠା ଓ ଜଙ୍ଗଲ ଜମିରୁ ଜେସିବି ସାହଯ୍ୟରେ ପ୍ରତିଦିନ ଶତାଧିକ ଟ୍ରିପ୍ ମାଟି ତାଡି ଟ୍ରାକ୍ଟର ବୁହା ହେଉଛି। ଏବେ ପୋଲିସ ପ୍ରଶାସନ ପକ୍ଷରୁ ଚଢ଼ାଉ କରାଯାଇ ବେଆଇନ କାର୍ଯ୍ୟରେ ଲିପ୍ତ ଟ୍ରକ୍, ଟ୍ରାକ୍ଟର, ଜେସିବିକୁ ଜବତ କରାଯାଉଛି। ହେଲେ ଆବଶ୍ୟକଠାରୁ କମ୍ ଜରିମାନା ଜବତ ଗାଡିରୁ ଆଦାୟ କରି ତହସିଲ ପ୍ରଶାସନ ଛାଡି ଦେଉଛି। ତହସିଲଦାରଙ୍କ ନିର୍ଦ୍ଦେଶକୁ ରାଜସ୍ୱ ନିରୀକ୍ଷକ ବେଖାତିର କରୁଥିବା ଅଭିଯୋଗ ହେଉଛି।

ସୂଚନା ମୁତାବକ, କଟକ ଜିଲା ମାହାଙ୍ଗା ତହସିଲ ଅଧୀନରେ ବେଆଇନ ଭାବେ ସରକାରୀ ଓ ନିଜସ୍ୱ ଜାଗାରୁ ଜେସିବି ସାହାଯ୍ୟରେ ମାଟି ଖୋଳାଯାଇ ଟ୍ରାକ୍ଟରରେ ଅନ୍ୟତ୍ର ବିକ୍ରି ହେଉଛି। ଗୋଟିଏ ଦିନ ପାଇଁ ରୟାଲଟି କାଟି ମାଟି ମାଫିଆମାନେ ମାସ ମାସ ଧରି ମାଟି ଖନନ କରି ବିକ୍ରି କରୁଛନ୍ତି। ବେଆଇନ ଭାବେ ମାଟି ଟ୍ରାକ୍ଟରରେ ପରିବହନ ହେଉଛି। ଫଳରେ ଗାଁ ଗହଳି ରାସ୍ତା ଫାଟି ଆଁ କଲାଣି। ଏହି ବେଆଇନ ମାଟି ପରିବହନ ନିଯୁକ୍ତ ଟ୍ରାକ୍ଟର ଜେସିବିଗୁଡିକର ଠିକ୍ କାଗଜପତ୍ର ମଧ୍ୟ ନାହିଁ। ଏହାଦ୍ୱାରା ସରକାରଙ୍କର ବିପୁଳ ମାତ୍ରାରେ ପରିବହନ ରାଜସ୍ୱ କ୍ଷତି ହେଉଛି। ଏ ନେଇ ମାହାଙ୍ଗା ପୋଲିସ ଭଉଁରିଆ ପଞ୍ଚାୟତ ନହଙ୍ଗ ଅଞ୍ଚଳରୁ ବେଆଇନ ଖନନରେ ନିୟୋଜିତ ଗୋଟିଏ ଜେସିବି ସହ ୫ଟି ମାଟି ବୋଝେଇ ଟ୍ରାକ୍ଟରକୁ ଜବତ କରିଛି। ପୋଲିସ ଜବତ ଗାଡ଼ି ମାଲିକଙ୍କଠାରୁ ୨ ଲକ୍ଷ ଟଙ୍କା ଜରିମାନା ପାଇଁ ତହସିଲକୁ ସୁପାରିସ କରିଥିଲା। ମାହାଙ୍ଗା ତହସିଲଦାର ଉମାକାନ୍ତ ବିଶ୍ୱାଳ ୧ ଲକ୍ଷ ୨୦ ହଜାର ଟଙ୍କା ଜରିମାନା ଆଦାୟ କରିବାକୁ ରାଜସ୍ୱ ନିରୀକ୍ଷକଙ୍କୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ରାଜସ୍ୱ ନିରୀକ୍ଷକ ଗାଡି ମାଲିକଙ୍କଠାରୁ ମଙ୍ଗଳବାର ଛୁଟି ଦିନ ଥିବାବେଳେ ରାତି ୮ଟାରେ ତହସିଲକୁ ଆସି ତରବରିଆ ଭାବେ ୮୦ ହଜାର ଜରିମାନା କାଟି ଜବତ ଗାଡିଗୁଡିକୁ ଛାଡି ଦେଇଥିଲେ। ଏ ସମ୍ପର୍କରେ ମାହାଙ୍ଗା ତହସିଲଦାର ବିଶ୍ୱାଳଙ୍କୁ ପଚାରିବାରୁ ସେ ୧ ଲକ୍ଷ ୨୦ ହଜାର ଟଙ୍କା ଜରିମାନା ଆଦାୟ କରିବାକୁ ରାଜସ୍ୱ ନିରୀକ୍ଷକଙ୍କୁ ନିର୍ଦ୍ଦେଶ ଦେଇଥିଲି। ସେ କିପରି ଏହାଠାରୁ କମ୍ ଆଦାୟ କଲେ ତାହା ଜାଣିନାହିଁ ବୋଲି ସେ କହିଛନ୍ତି।


ଜବତ ଜେସିବି, ଟ୍ରାକ୍ଟର।